# ଓଡିଶାରେ ଏନ୍.ଆର୍.ଇ.ଜି.ଏ.ର ସ୍ଥିତି ଉପରେ ଅନୁଷ୍ଠିତ କତିପୟ ଅନୁଧ୍ୟାନ

**୧.୦ ପ୍ରାରମ୍ଭିକ:** ଅନ୍ୟ ବହୁ ରାଜ୍ୟ ଭଳି ଓଡିଶାରେ ଏନ୍.ଆର୍.ଇ.ଜି.ଏ. ବା ଯାହାକି ବର୍ତ୍ତମାନ ମହାତ୍ମା ଗାନ୍ଧୀ ଗ୍ରାମାଞ୍ଚଳ କର୍ମନିଯୁକ୍ତି ଗ୍ୟାରେଣ୍ଟି ଆଇନ୍, ୨୦୦୫ ଭାବେ ପୁନର୍ନାମିତ, ୨ ଫେବୃଆରି ୨୦୦୫ରୁ ଆନୁଷ୍ଠାନିକ ଭାବେ ଲାଗୁ ହେଲା । ସେବେଠାରୁ ଏହାର କାର୍ଯ୍ୟକାରିତାକୁ କେନ୍ଦ୍ର କରି ବିଭିନ୍ନ ସରକାରୀ ଓ ବେସରକାରୀ ମହଲରେ ବହୁ ପ୍ରଶ୍ନ ଉତ୍‌ଥାପିତ ହୋଇଆସୁଛି ଏବଂ ଗଣମାଧ୍ୟମରେ ମଧ୍ୟ ତହିଁର ପ୍ରତିଫଳନ ଦେଖିବାକୁ ମିଳୁଛି । ଦେଶର ବିଭିନ୍ନ ରାଜ୍ୟ ତଥା ଓଡିଶାରେ ଏହାର ପ୍ରକୃତ ସ୍ଥିତି ଅଧ୍ୟୟନ ପାଇଁ ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ଦ୍ୱାରା ବହୁ ଅନୁଧ୍ୟାନ ମଧ୍ୟ ଇତି ମଧ୍ୟରେ ଅନୁଷ୍ଠିତ ହୋଇସାରିଛି । ବିଶେଷ କରି ଓଡିଶା ପରିପ୍ରେକ୍ଷୀରେ ଯେତେସବୁ ଅନୁଧ୍ୟାନ ଅନୁଷ୍ଠିତ ହୋଇସାରିଛି ତମ୍ମଧ୍ୟରୁ ନିମ୍ନୋକ୍ତ ୫ଟି (୨ଟି ସରକାରୀ, ୨ଟି ବେସରକାରୀ ଓ ୧ଟି ଅର୍ଦ୍ଧ-ସରକାରୀ) ସଂସ୍ଥାର ଅଧ୍ୟୟନ ଗୁରୁତ୍ୱପୂର୍ଣ୍ଣ ମନେହୁଏ-

- ସେଣ୍ଟର୍ ଫର୍ ଏନ୍‌ଭାଏରନ୍‌ମେଣ୍ଟ୍ ଆଣ୍ଡ୍ ଫୁଡ୍ ସିକ୍ୟୁରିଟି (ସି.ଇ.ଏଫ୍.ଏସ୍.), ନୂଆଦିଲ୍ଲୀ - ବେସରକାରୀ
- ଜିନ୍ ଡ୍ରେଜ୍‌ଙ୍କ ତତ୍ତ୍ୱାବଧାନରେ ଆହ୍ଲାବାଦ ବିଶ୍ୱବିଦ୍ୟାଳୟର ଗବେଷକ ଗୋଷ୍ଠୀ- ଅର୍ଦ୍ଧସରକାରୀ
- ଭାରତ ସରକାରଙ୍କ କମ୍ପ୍‌ଟ୍ରଲର୍ ଏଣ୍ଡ ଅଡିଟର୍ ଜେନେରାଲ୍ ଅଫ୍ ଇଣ୍ଡିଆ (ସି.ଏଣ୍ଡ୍.ଏ.ଜି.) – ସରକାରୀ
- ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ରୁରାଲ୍ ଡେଭଲପ୍‌ମେଣ୍ଟ୍ (ଏନ୍‌ଆଇ.ଆର୍.ଡି.), ହାଇଦ୍ରାବାଦ- ସରକାରୀ
- ପାର୍ଟିସିପେଟରୀ ରିସର୍ଚ୍ଚ ଇନ୍ ଏସିଆ (ପ୍ରିଆ), ନୂଆଦିଲ୍ଲୀ - ବେସରକାରୀ

ଜିନ୍ ଡ୍ରେଜ୍‌ଙ୍କ ପରିଚାଳିତ ଅନୁଧ୍ୟାନକୁ ଅର୍ଦ୍ଧ-ସରକାରୀ କହିବାର କାରଣ ହେଲା, ସେ ନିଜେ ବୃତ୍ତିରେ ଅଧ୍ୟାପକ ହୋଇଥିଲେ ହେଁ, ସେ ଉକ୍ତ ଅଧ୍ୟୟନ ବେଳେ ଭାରତ ସରକାରଙ୍କ କେନ୍ଦ୍ରୀୟ କର୍ମନିଯୁକ୍ତି ଗ୍ୟାରେଣ୍ଟି ପରିଷଦର ସଭ୍ୟ ଥିଲେ । ବର୍ତ୍ତମାନ ଆମେ ଲକ୍ଷ୍ୟ କରିବା, ଓଡିଶାରେ ଏନ୍.ଆର୍.ଇ.ଜି.ଏ୍.ର କାର୍ଯ୍ୟକାରିତାର ମୂଲ୍ୟାୟନ କରି ପ୍ରତି ଅନୁଧ୍ୟାନକାରୀ ଗୋଷ୍ଠୀ ସଂକ୍ଷେପରେ କ'ଣ ଦର୍ଶାଇଛନ୍ତି ।

## ୨.୦ ସି.ଇ.ଏଫ୍.ଏସ୍., ନୂଆଦିଲ୍ଲୀଙ୍କ ଅନୁଧ୍ୟାନ

**୨.୧ ଅନୁଧ୍ୟାନର ପରିସର:** ସି.ଇ.ଏଫ୍.ଏସ୍.ର ନିର୍ଦ୍ଦେଶକ ଶ୍ରୀ ପର୍ଶୁରାମ ରାୟଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ପରିଚାଳିତ ଏହି ଅନୁଧ୍ୟାନ ଓଡିଶାର କେ.ବି.କେ. ଅଞ୍ଚଳର ୬ଟି ଜିଲ୍ଲା (କୋରାପୁଟ୍, ନବରଙ୍ଗପୁର, ରାୟଗଡା, କଳାହାଣ୍ଡି, ନୂଆପଡା ଓ ବଲାଙ୍ଗିର) ଅନ୍ତର୍ଗତ ୧୦୦ଟି ନମୁନା ଗ୍ରାମରେ ୨୦୦୬-୦୭ ଆର୍ଥିକ ବର୍ଷରେ ଏନ୍.ଆର୍.ଇ.ଜି.ଏ୍.ର ପ୍ରକୃତ ସ୍ଥିତିର ମୂଲ୍ୟାୟନ କରିବାକୁ ଚେଷ୍ଟା କରିଥିଲା । ଓଡିଶାରେ କେ.ବି.କେ. ଅଞ୍ଚଳକୁ ଅଧ୍ୟୟନ-କ୍ଷେତ୍ର ଭାବେ ବାଛିବାର କାରଣ ଦର୍ଶାଇ ଶ୍ରୀ ରାୟ କହିଥିଲେ ଯେ, ଏହି ଅଞ୍ଚଳ ଏବେ ବି ମାନବିକ ବିକାଶ ସୂଚ୍ୟାଙ୍କ ଅନୁଯାୟୀ ପୃଥିବୀର ସବୁଠୁଁ ଅନୁନ୍ନତ ସାହାରା-ତଳି ଅଞ୍ଚଳ ଠାରୁ ମଧ୍ୟ ପଛରେ ପଡିଛି । ନିଜର ଅଧ୍ୟୟନକୁ ଯଥାସମ୍ଭବ ନିର୍ଭୁଲ୍ କରିବା ଉଦେଶ୍ୟରେ ଶ୍ରୀ ରାୟ ନିଜେ ଏନ୍.ଆର୍.ଇ.ଜି.ଏ.ର ସଂପୃକ୍ତ କାର୍ଯ୍ୟକର୍ତ୍ତା ଓ ଅଧିକାରୀଗଣ ଓ ହିତାଧିକାରୀ ଗ୍ରାମବାସୀଙ୍କ ସହ ସାକ୍ଷାତ କରିବା ସହ ଗ୍ରାମପଞ୍ଚାୟତ ଓ ବ୍ଲକ୍ କାର୍ଯ୍ୟାଳୟରେ ଉପଲବ୍ଧ ତଥ୍ୟାବଳୀ ସହିତ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ବନ୍ଧରେ ସରକାରୀ ୱେବ୍‌ସାଇଟ୍‌ରେ ପରିବେଷିତ ପରିସଂଖ୍ୟାନର ତୁଳନାତ୍ମକ ବିଶ୍ଲେଷଣ କରିଥିଲେ । ମେ-ଜୁନ୍ ୨୦୦୭ରେ ପରିଚାଳିତ ହୋଇଥିବା ଏହି ଅନୁଧ୍ୟାନର ଉଭୟ ପୂର୍ଣ୍ଣାଙ୍ଗ ଓ ସଂକ୍ଷିପ୍ତ ରିପୋର୍ଟ 'ଓଡିଶାରେ ଗ୍ରାମାଞ୍ଚଳ କର୍ମନିଯୁକ୍ତି କ୍ଷେତ୍ରରେ ମହାଦୁର୍ନୀତି' ଶିରୋନାମାରେ ୧୭ ଅଗଷ୍ଟ ୨୦୦୭ରେ ନୂଆଦିଲ୍ଲୀ ଠାରେ ଘୋଷିତ ହୋଇଥିଲା । ୨୦୦୬-୦୭ରେ ଉକ୍ତ କାର୍ଯ୍ୟକ୍ରମ ପିଛା ରାଜ୍ୟରେ ବ୍ୟୟିତ ହୋଇଥିବା ମୋଟ୍ ଅର୍ଥରାଶି ୭୩୩ କୋଟି ଟଙ୍କାର ଏକ ସିଂହ ଭାଗ, ଅର୍ଥାତ୍ ୫୦୦ କୋଟି ଟଙ୍କା (ପ୍ରାୟ ଶତକଡା ୭୫) 'ବାବୁଗୋଷ୍ଠୀ'ଙ୍କ ଦ୍ୱାରା ହଡପ ହୋଇଛି- ଏହାହିଁ ଥିଲା ଉକ୍ତ ଅନୁଧ୍ୟାନର ପ୍ରମୁଖ ବୟାନ୍ । ସ୍ୱାଭାବିକ ଭାବେ ଏହି ବୟାନ୍ ସଂସଦ ଭିତରେ ଓ ସଂସଦ ବାହାରେ ତଥା ଦେଶର ଗଣମାଧ୍ୟମ ଓ ସିଭିଲ୍ ସୋସାଇଟି ସଂଗଠନମାନଙ୍କ ଭିତରେ କେନ୍ଦ୍ର ସରକାରଙ୍କ ଶ୍ରେଷ୍ଠତମ କାର୍ଯ୍ୟକ୍ରମ ବୋଲି ପରିଚିତ ଏନ୍.ଆର୍.ଇ.ଜି.ଏ.ର ଭବିଷ୍ୟତ ପ୍ରତି ଏକ ଶକ୍ତିଶାଳୀ ପ୍ରଶ୍ନବାଚୀ ଛିଡା କରିଥିଲା । ଏହି ଅନୁଧ୍ୟାନର ମୁଖ୍ୟାଂଶ ନିମ୍ନମତେ ଥିଲା-

**୨.୨ ପ୍ରଚାର ଓ ବାସ୍ତବତା:** ଏନ୍.ଆର୍.ଇ.ଜି.ଏ.ର ଅଗ୍ରଗତି ଉପରେ ସରକାରଙ୍କ ବାର୍ଷିକ ବିବରଣୀ ଅନୁଯାୟୀ ୨୦୦୬-୦୭ରେ ଓଡିଶାର ୧୯ଟି ଜିଲ୍ଲାରେ ମୋଟ୍ ୨୫,୯୩,୧୯୪ ଜବ୍ କାର୍ଡ ନିର୍ଗମନ କରାଯାଇଥିଲା, ଓ ୧୩,୯୪,୧୬୯ ପରିବାରଙ୍କୁ ମୋଟ୍ ୭.୯୯ କୋଟି କାର୍ଯ୍ୟଦିବସ ଯୋଗାଇ ଦିଆଯାଇଥିଲା । ଅର୍ଥାତ୍ ପ୍ରତି ପରିବାର ହାରାହାରି ୫୭ଦିନର କାର୍ଯ୍ୟଦିବସ ହାସଲ କରିପାରିଥିଲେ । ଏବଂ ଏମାନଙ୍କ ଭିତରେ ଆଦିବାସୀମାନଙ୍କୁ ୩.୯୩ କୋଟି କାର୍ଯ୍ୟଦିବସ ଏବଂ ଦଳିତମାନଙ୍କୁ ୧.୮୯ କୋଟି କାର୍ଯ୍ୟଦିବସ ମିଳିଥିଲା । କିନ୍ତୁ ଅନୁଧ୍ୟାନ ଫଳରେ ସରକାରଙ୍କ ଏହି ଦାବୀ ଓ ବାସ୍ତବ ସ୍ଥିତି ଭିତରେ ଆକାଶ-ପାତାଳ ପ୍ରଭେଦ ଦେଖିବାକୁ ମିଳିଥିଲା । ବସ୍ତୁତଃ ୨କୋଟିରୁ କମ୍ କାର୍ଯ୍ୟଦିବସ ସୃଷ୍ଟି ହୋଇଛି । କେବଳ ସ୍ୱଳ୍ପ-ସଂଖ୍ୟକ ପରିବାର ଅତିବେଶୀରେ ୪୦ରୁ ୬୦ଦିନ ପାଇଁ କର୍ମନିଯୁକ୍ତି ପାଇଛନ୍ତି । ବାକି ସମସ୍ତ ପରିବାର ୫ରୁ ୨୧ଦିନର କାର୍ଯ୍ୟଦିବସ ପାଇଛନ୍ତି । ବସ୍ତୁତଃ ୧୯ଟି ଜିଲ୍ଲାରେ ପରିବାର ପିଛା ହାରାହାରି ମାତ୍ର ୫ଦିନର କର୍ମନିଯୁକ୍ତି ମିଳିଛି ।

**୨.୩ ଶହେଦିନରୁ ଅଧିକ କାର୍ଯ୍ୟଦିବସ ସୃଷ୍ଟି- ଏକ ଡାହାମିଛ:** ଉପରୋକ୍ତ ବାର୍ଷିକ ବିବରଣୀ ଅନୁଯାୟୀ ରାଜ୍ୟରେ ୧,୫୪,୧୧୮ ପରିବାର ବର୍ଷକ ଭିତରେ ୧୦୦ଦିନରୁ ଅଧିକ କାର୍ଯ୍ୟଦିବସ ହାସଲ କରିପାରିଥିଲେ । ବିଶେଷକରି, ଜିଲ୍ଲାଗୁଡିକ ଭିତରେ ବଲାଙ୍ଗିରରେ ୧୦୫୭୨,

କଳାହାଣ୍ଡିରେ ୯୦୭୪, କୋରାପୁଟରେ ୧୩୮୯୩, ନବରଙ୍ଗପୁରରେ ୭୫୮୧, ନୂଆପଡାରେ ୧୧୨୯୨ ଏବଂ ରାୟଗଡାରେ ୮୩୫୭ ପରିବାର ବର୍ଷକ ଭିତରେ ୧୦୦ଦିନରୁ ଅଧିକ କର୍ମନିଯୁକ୍ତି ପାଇଥିଲେ । କିନ୍ତୁ ଏହିସବୁ ଜିଲ୍ଲାର ୧୦୦ଟି ନମୁନା ଗ୍ରାମ ଭିତରୁ କୌଣସି ଠାରେ ଗୋଟିଏ ପରିବାର ମଧ୍ୟ ୧୦୦ଦିନର କାର୍ଯ୍ୟ ପାଇନାହିଁ ।

**୨.୪ କାର୍ଯ୍ୟକ୍ରମର ଦୟନୀୟ ସ୍ଥିତି:** ସ୍କିମ୍ ପ୍ରବର୍ତ୍ତନ ହେବାର ୧୭ମାସ ବିତିଯାଇଥିଲେ ବି ୧୦୦ଟି ନମୁନା ଗ୍ରାମ ଭିତରେ ୧୮ଟି ଗ୍ରାମରେ କେହି ଜବ୍ କାର୍ଡ ପାଇନଥିଲେ, ୩୭ଟି ଗ୍ରାମରେ କେହି କୌଣସି ମଜୁରିଶ୍ରମ ପାଇନଥିଲେ, ୧୧ଟି ଗ୍ରାମରେ କେହି ଜବ୍‌କାର୍ଡ କି କାର୍ଯ୍ୟ ପାଇନଥିଲେ ଓ ୨୩ଟି ଗ୍ରାମରେ ଜବ୍‌କାର୍ଡ ମାସମାସ ଧରି ଭି.ଏଲ୍.ଡବ୍ଲ୍ୟୁ ଏବଂ ଜେ.ଇ.ଙ୍କ ନିକଟରେ ମହଜୁଦ୍ ଥିଲା । ଏହାଛଡା, ୨୫ଟି ଗ୍ରାମରେ ପ୍ରାପ୍ୟ ମଜୁରିର କେଉଁଠି ଅର୍ଦ୍ଧାଂଶ, ଆଉ କେଉଁଠି ଏକ-ତୃତୀୟାଂଶ, ପୁଣି ଆଉ କେଉଁଠି ଏକ ସ୍ୱଳ୍ପାଂଶ ପଇଠ ହୋଇଥିଲା ଏବଂ ୨୦ଟି ଗ୍ରାମରେ ଜବ୍‌କାର୍ଡରେ ସୂଚୀତ କାର୍ଯ୍ୟଦିବସ ସଂଖ୍ୟା ଓ ପ୍ରକୃତ କାର୍ଯ୍ୟଦିବସ ସଂଖ୍ୟା ଭିତରେ ବିରାଟ ତାରତମ୍ୟ ଲକ୍ଷ୍ୟ କରାଯାଇଥିଲା, ୩ଟି ଗ୍ରାମରେ କାର୍ଯ୍ୟ ସମ୍ପାଦିତ ହେବାର ୪ରୁ ୮ମାସ ବିତିଯାଇଥିଲେ ବି କୌଣସି ମଜୁରି ପଇଠ କରାଯାଇନଥିଲା । ରାୟଗଡା ଜିଲ୍ଲାର କାଶିପୁର ବ୍ଲକ୍‌ରେ ୬ଟି ଗ୍ରାମରେ ଜବ୍‌କାର୍ଡ ଦିଆନଯାଇ ଶ୍ରମିକମାନଙ୍କୁ ଏନ୍.ଆର୍.ଇ.ଜି.ଏ. କାର୍ଯ୍ୟରେ ନିୟୋଜିତ କରାଯାଉଥିଲା ।

**୨.୫ କାଗଜପତ୍ରରେ ଜାଲିଆତି :** ବାସ୍ତବ ଚିତ୍ର ଯେତେ ଦୟନୀୟ ହୋଇଥିଲେ ବି ଅଧିକାଂଶ ପରିବାରଙ୍କ ଅନ୍-ଲାଇନ୍ ଜବ୍‌କାର୍ଡରେ ଅତିରଞ୍ଜିତ କାର୍ଯ୍ୟଦିବସ ସଂଖ୍ୟା (ଯଥା, ୧୦୮, ୧୦୪, ୧୦୨, ୧୦୦, ୯୬, ୯୦ ଦିନ ଇତ୍ୟାଦି) ଦର୍ଶୀତ ହୋଇଛି । ୧୦୦ଟି ନମୁନା ଗ୍ରାମ ଭିତରେ କୌଣସି ଠାରେ ବି ଜବ୍‌କାର୍ଡରେ ସୂଚୀତ ତଥ୍ୟ ଓ ବାସ୍ତବ ସତ୍ୟ ଭିତରେ ସଂଗତି ନଥିଲା । ଏହିପରି ରେକର୍ଡ ଜାଲିଆତି ମାଧ୍ୟମରେ ସରକାରୀ ଅମଲାମାନେ ବର୍ଷକ ଭିତରେ ପ୍ରାୟ ୮ କୋଟି କାର୍ଯ୍ୟଦିବସ ଏବଂ ୭୩୩ କୋଟି ଟଙ୍କାର ଅର୍ଥବ୍ୟୟ ଦେଖାଇଛନ୍ତି ।

**୨.୬ ସ୍ୱଚ୍ଛତାର ଘୋର ଅଭାବ:** ନମୁନା ଗ୍ରାମଗୁଡିକ ଭିତରେ କୌଣସି ଜଣେ ବ୍ୟକ୍ତି ମିଳିଲେ ନାହିଁ, ଯେ କି ମଷ୍ଟର୍ ରୋଲ୍ ଦେଖିଛନ୍ତି । ସଂପୃକ୍ତ ଅଧିକାରୀମାନଙ୍କ ଦୃଷ୍ଟିରେ ମଷ୍ଟର୍ ରୋଲ୍ ଆଣବିକ ରହସ୍ୟ ଠାରୁ ଅଧିକ ଗୋପନୀୟ ବୋଲି ମନେ କରାଯାଉଥିଲା । ମଷ୍ଟର୍ ରୋଲ୍‌ଗୁଡିକ ଭି.ଏଲ୍.ଡବ୍ଲ୍ୟୁ.ଙ୍କ ଘରେ ରହୁଥିଲା ଏବଂ ଶ୍ରମିକମାନଙ୍କୁ ଫାଙ୍କା ମଷ୍ଟର୍ ରୋଲ୍‌ରେ ସ୍ୱାକ୍ଷର ବା ଟିପଚିହ୍ନ ଦେବା ପାଇଁ କୁହାଯାଉଥିଲା । ପୁଣି କୌଣସି ନାଗରିକ ଗ୍ରାମପଞ୍ଚାୟତରେ ମଷ୍ଟର୍ ରୋଲ୍ ଦେଖିବାକୁ ଚାହିଁଲେ, ତାଙ୍କୁ ବି.ଡି.ଓ.ଙ୍କ ଅନୁମତି ନେବାକୁ ପଡୁଥିଲା । କେବଳ ସେତିକି ନୁହେଁ, ଏ ବିଷୟରେ କେହି ବି.ଡି.ଓ.ଙ୍କ ଠାରୁ କିଛି ତଥ୍ୟ ସଂଗ୍ରହ କରିବାକୁ ଚାହିଁଲେ, ତାଙ୍କୁ ଜିଲ୍ଲାପାଳଙ୍କ ଠାରୁ ଅନୁମତି ନେବାକୁ ପଡୁଥିଲା । କୋରାପୁଟ୍‌ର ନନ୍ଦପୁର ବ୍ଲକ୍‌ର ବି.ଡି.ଓ. ଶ୍ରୀ ଜ୍ୟୋତିରଞ୍ଜନ ମିଶ୍ର ଏଭଳି ଏକ ନିୟମ ଅଛି ବୋଲି କହିବାରୁ ଅନୁଧ୍ୟାନକାରୀ ଦଳ ତତ୍‌କ୍ଷଣାତ୍ ତଦାନୀନ୍ତନ ପଞ୍ଚାୟତିରାଜ ସଚୀବ ଶ୍ରୀ ରବୀନ୍ଦ୍ର ନାଥ ଦାସଙ୍କୁ ଯୋଗାଯୋଗ କରିଥିଲେ । କିନ୍ତୁ ଶ୍ରୀ ଦାସ ଅନୁଧ୍ୟାନକାରୀ ଦଳଙ୍କୁ କୋରାପୁଟରୁ ଫେରି ଆସିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । କୋରାପୁଟ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମଧ୍ୟ ଅନୁରୂପ ନିର୍ଦ୍ଦେଶ ଦେଇଥିଲେ । ଏ ସଂକ୍ରାନ୍ତରେ କୋରାପୁଟ ଜିଲ୍ଲାପାଳ ଓ ଏପରିକି ମୁଖ୍ୟ ଶାସନ ସଚିବ ତଥା ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ସହ ଉକ୍ତ ଦଳ ଯୋଗାଯୋଗ କରିଥିଲେ ହେଁ ସେମାନେ କେଉଁଠି ଗୋଟିଏ ସୁଦ୍ଧା ମଷ୍ଟର୍ ରୋଲ୍ ନିରୀକ୍ଷଣ କରିବା ପାଇଁ ସଫଳ ହୋଇ ପାରିନଥିଲେ ।

**୨.୭ ସାମାଜିକ ସମୀକ୍ଷା ମୋଟେ ହୋଇନାହିଁ:** ନମୁନା ୧୦୦ଟି ଗ୍ରାମ ଭିତରେ କୌଣସି ଗୋଟିଏ ସାମାଜିକ ସମୀକ୍ଷା ଅନୁଷ୍ଠିତ ହୋଇନଥିଲା । କେବଳ ସେତିକି ନୁହେଁ, କୋଣସି ଗୋଟିଏ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଦିନବେଳା ଖୋଲାଥିବାର ଦେଖିବାକୁ ମିଳିନଥିଲା । ଯଦିଓ ଗ୍ରାମପଞ୍ଚାୟତଗୁଡିକ ଏନ୍.ଆର୍.ଇ.ଜି.ଏ.ର ପ୍ରମୁଖ କର୍ମକର୍ତ୍ତା ଭାବେ ଘୋଷିତ ହୋଇଛନ୍ତି, କୌଣସି ସରପଞ୍ଚ ଏହି କାର୍ଯ୍ୟକ୍ରମର କୌଣସି ତଥ୍ୟ ଦେବାକୁ ସମର୍ଥ ହୋଇନଥିଲେ ଏବଂ ସମସ୍ତ ତଥ୍ୟାବଳୀ ଭି.ଏଲ୍.ଡବ୍ଲ୍ୟୁ.ଙ୍କ ନିକଟରେ ଅଛି ବୋଲି ଉତ୍ତର ଦେଇଥିଲେ । ଭି.ଏଲ୍.ଡବ୍ଲ୍ୟୁ. ମାନେ ସରପଞ୍ଚଙ୍କ ଠାରୁ ବ୍ଲାଙ୍କ ଚେକ୍‌ରେ ଦସ୍ତଖତ କରାଇ ନେଉଥିଲେ ଏବଂ କୌଣସି ପଞ୍ଚାୟତ ପ୍ରତିନିଧିଙ୍କୁ କାର୍ଯ୍ୟକ୍ରମର ସୂଚନା ଜଣାଉ ନଥିଲେ । ନୂଆପଡା ଜିଲ୍ଲାର ଖରିଆର୍ ବ୍ଲକ୍‌ରେ ବିଡି.ଓ. ଶ୍ରମିକମାନଙ୍କୁ ଧମକାଇଥିଲେ ଯେ ଯଦି ସେମାନେ କୌଣସି ଏନ୍.ଜି.ଓ.ଙ୍କ ଆଗରେ କାର୍ଯ୍ୟକ୍ରମର ଅନିୟମିତତା ବିଷୟରେ ଅଭିଯୋଗ କରନ୍ତି, ତେବେ ସେ ସେମାନଙ୍କୁ ଜେଲ୍‌ରେ ଭର୍ତ୍ତି କରିଦେବେ । ନବରଙ୍ଗପୁର ଜିଲ୍ଲାର ତେନ୍ତୁଳିଖୁଣ୍ଟି ବ୍ଲକ୍‌ର ବିଡିଓ ନିଜେ ଏନ୍.ଜି.ଓ.ମାନଙ୍କୁ ଧମକାଇଥିଲେ ଯେ, ସେମାନେ ଯଦି କାର୍ଯ୍ୟକ୍ରମର ଗଲତି ଦେଖାନ୍ତି, ତେବେ ସେମାନଙ୍କ ଅବସ୍ଥା ସାଂଘାତିକ କରିଦିଆଯିବ, ଏବଂ ବସ୍ତୁତଃ ଦେଖାଯାଇଥିଲା ଯେ, ତଥ୍ୟସଂଗ୍ରହରେ ସର୍ବେକ୍ଷକ ଦଳଙ୍କୁ ସାହାଯ୍ୟ କରୁଥିବା କେତେକ ଏନ୍.ଜି.ଓ. କର୍ମୀଙ୍କୁ ବ୍ଲକ୍‌ର କେତେକ ଅସାଧୁ କର୍ମଚାରୀ ଏବଂ ଠିକାଦାର ମିଶି ଧମକ ଦେଇଥିଲେ ତଥା କିଛି ମଦ୍ୟପ ଗୁଣ୍ଡା ମଧ୍ୟରାତ୍ରରେ ସେମାନଙ୍କ ଘରକୁ ଯାଇ ଗାଳିଗୁଲଜ ସହ ଧମକଚମକ ଦେଇଥିଲେ ।

**୨.୮ ଅନୁଧ୍ୟାନର ସୁଦୂରପ୍ରସାରୀ ପ୍ରଭାବ:** ସି.ଇ.ଏଫ୍.ସି. ଅଧ୍ୟୟନର ଚାଞ୍ଚଲ୍ୟକର ବୟାନ୍‌ର ସତ୍ୟାସତ୍ୟ ଉପରେ ତୁରନ୍ତ ଅନୁସନ୍ଧାନ କରି ରିପୋର୍ଟ ଦାଖଲ ପାଇଁ କେନ୍ଦ୍ର ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟ ଓଡିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେତେବେଳର ପଞ୍ଚାୟତିରାଜ ବିଭାଗର ସଚିବ, ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ଅଧ୍ୟୟନର ପରିସରଭୁକ୍ତ ୬ଟି କେବିକେ ଜିଲ୍ଲାର ଜିଲ୍ଲାପାଳଙ୍କୁ ନେଇ ଏକ ରାଜ୍ୟସ୍ତରୀୟ ଅନୁସନ୍ଧାନ କମିଟି ଗଠିତ ହୋଇଥିଲା । ସେମାନେ ନିଜ ରିପୋର୍ଟରେ ଦର୍ଶାଇଥିଲେ ଯେ, ରେକର୍ଡ ଜାଲିଆତି ମାଧ୍ୟମରେ ଏନ୍.ଆର୍.ଇ.ଜି.ଏ.ର ଅର୍ଥହଡପ ସଂବନ୍ଧୀୟ ଅଭିଯୋଗ ସଂପୂର୍ଣ୍ଣ ଭିତ୍ତିହୀନ, ଯଦିଓ ଜବ୍‌କାର୍ଡ ଓ କର୍ମନିଯୁକ୍ତି ରେଜିଷ୍ଟର୍‌ରେ ତଥ୍ୟଦରଜ କ୍ଷେତ୍ରରେ ଅନିୟମିତତା ରହିଥିଲା ଏବଂ ବହୁସ୍ଥଳେ ଉପଯୁକ୍ତ ଯାଞ୍ଚ କରାନଯାଇ ଅନ୍-ଲାଇନ୍ ତଥ୍ୟାବଳୀକୁ ୱେବ୍‌ସାଇଟ୍‌ରେ ସ୍ଥାନିତ କରାଯାଇଥିବାରୁ ଅନିଚ୍ଛାକ୍ରମେ କେତେକ ଅସଂଗତି ରହିଯାଇଥିଲା ।

କିନ୍ତୁ ଉକ୍ତ ଅଧ୍ୟୟନ ପ୍ରକାଶ ପାଇବା ପରେପରେ କେନ୍ଦ୍ର ଗ୍ରାମାଞ୍ଚଳ ମନ୍ତ୍ରୀ ଓଡିଶା ପରିଦର୍ଶନରେ ଆସିଥିଲେ ଏବଂ ଉତ୍ଥାପିତ ଅଭିଯୋଗର ତଦନ୍ତ ଭାରତ ସରକାରଙ୍କ ସି.ଏଣ୍ଡ ଏ.ଜି. ଦ୍ୱାରା କରାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ବସ୍ତୁତଃ ଏହାପରେ କେବଳ ସି.ଏଣ୍ଡ ଏ.ଜି. ଦ୍ୱାରା ନୁହେଁ, ବରଂ ପ୍ରଫେସର୍ ଜିନ୍ ଡ୍ରେଜ୍ ଓ  କେନ୍ଦ୍ର ସରକାରଙ୍କ ଏନ୍.ଆଇ.ଆର୍.ଡି. ଦ୍ୱାରା ସ୍ୱତନ୍ତ୍ର ଅଧ୍ୟୟନମାନ ଓଡିଶାରେ ଏନ୍.ଆର୍.ଇ.ଜି.ଏ.ର ସ୍ଥିତି ସମୀକ୍ଷା ପାଇଁ ଅନୁଷ୍ଠିତ ହୋଇଥିଲା । ବିଡମ୍ବନା ବଶତଃ, ଏହି ସମସ୍ତ ଅଧ୍ୟୟନ ନିଜ ନିଜ ପରିଭାଷାରେ ରେକର୍ଡ ଜାଲିଆତି ଓ ଅର୍ଥହଡପର ଅଭିଯୋଗକୁ ଅଳ୍ପବହୁତେ ସାବ୍ୟସ୍ତ କରିଥିଲେ ।

## ୩.୦ ପ୍ରଫେସର୍ ଜିନ୍ ଡ୍ରେଜ୍ଙ୍କ ପରିଚାଳିତ ନମୁନା ଅନୁଧ୍ୟାନ

**୩.୧ ପ୍ରାଥମିକ ସୂଚନା:** ବିଶିଷ୍ଟ ଅର୍ଥଶାସ୍ତ୍ରୀ ପ୍ରଫେସର୍ ଜିନ୍ ଡ୍ରେଜ୍ଙ୍କ ତତ୍ତ୍ୱାବଧାନରେ ଆହ୍ଲାବାଦ ବିଶ୍ୱବିଦ୍ୟାଳୟର ଜି.ବି.ପନ୍ଥ ସୋସିଆଲ୍ ସାଇନ୍ସ ଇନ୍ଷ୍ଟିଚ୍ୟୁଟ୍ର ଛାତ୍ରଛାତ୍ରୀ ତଥା କେତେକ ସ୍ଥାନୀୟ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ମିଳିତ ଭାବେ ୩-୧୨ ଅକ୍ଟୋବର ୨୦୦୭ରେ ଓଡିଶାର ୩ଟି ଜିଲ୍ଲା କଳାହାଣ୍ଡି, ବଲାଙ୍ଗିର ଓ ବୌଦ୍ଧ ଅନ୍ତର୍ଗତ ୬ଟି ବ୍ଲକ୍ର ୩୦ଟି ନମୁନା ଗ୍ରାମପଞ୍ଚାୟତରେ ଏନ୍.ଆର୍.ଇ.ଜି.ଏ.ର ସ୍ଥିତି ସମ୍ବନ୍ଧରେ ଏକ ଅଧ୍ୟୟନ ଅନୁଷ୍ଠିତ ହୋଇଥିଲା । ଖାଦ୍ୟ ଅଧିକାର କର୍ମୀ ସୁଶ୍ରୀ ରୀତିକା ଖେରା ଓ ଶ୍ରୀ ରାଜକିଶୋର ମିଶ୍ର ମଧ୍ୟ ଏହି ଅଧ୍ୟୟନ ସହ ଜଡିତ ଥିଲେ । ପ୍ରତି ଗ୍ରାମପଞ୍ଚାୟତରେ ଗୋଟିଏ ଲେଖାଁ କାର୍ଯ୍ୟସ୍ଥଳୀକୁ ଏବଂ ପ୍ରତି କାର୍ଯ୍ୟସ୍ଥଳୀରେ ମଷ୍ଟର୍ ରୋଲ୍ରେ ସ୍ଥାନିତ ହୋଇଥିବା ୩୦ଜଣ ଶ୍ରମିକଙ୍କୁ ସର୍ବେକ୍ଷଣ ପାଇଁ ଚୟନ କରାଯାଇଥିଲା । ମଷ୍ଟର୍ ରୋଲ୍ରେ ଏବଂ ଜବ୍ କାର୍ଡରେ ସୂଚୀତ ତଥ୍ୟାବଳୀର ସଂଗତିକୁ ଯାଞ୍ଚ କରାଯିବା ସହ ସଂପୃକ୍ତ ଶ୍ରମିକମାନଙ୍କୁ ତଥା ଅନ୍ୟାନ୍ୟ ଗରଜ-ବାହୀ ସଂସ୍ଥାମାନଙ୍କୁ ପ୍ରକୃତ ସତ୍ୟାସତ୍ୟ ସମ୍ବନ୍ଧରେ ପଚରା ଯାଇଥିଲା । ଅଧ୍ୟୟନର ଫଳାଫଳ ୨୧ ଅକ୍ଟୋବର ୨୦୦୭ରେ 'ଓଡିଶାରେ ଏନ୍.ଆର୍.ଇ.ଜି.ଏ.- ଦଶଟି ଦୋଷ ଏବଂ ଆଶାର କିରଣ' ଶିରୋନାମାରେ ପ୍ରକାଶ ପାଇଥିଲା । ଏହାକୁ ଏକ ଅନ୍ତର୍ବର୍ତ୍ତୀ ରିପୋର୍ଟ କୁହାଯାଇଥିଲେ ହେଁ ଚୂଡାନ୍ତ ରିପୋର୍ଟ ଅଦ୍ୟାବଧି ପ୍ରକାଶ ପାଇ ପାରିନାହିଁ ।

**୩.୨ ଅଧ୍ୟୟନର ସଂକ୍ଷିପ୍ତ ସାର:** ମଷ୍ଟର୍ ରୋଲ୍ରେ ସୂଚୀତ ଶ୍ରମିକମାନଙ୍କୁ ପଚରାଯିବା ପରେ ଜଣା ପଡିଥିଲା ଯେ, ଯେତେଦିନର କାର୍ଯ୍ୟଦିବସ ବିଷୟରେ ମଷ୍ଟର୍ ରୋଲ୍ ତଥ୍ୟ ଦେଇଛି, ତନ୍ମଧ୍ୟରୁ ମାତ୍ର ଶତକଡା ୬୦ଭାଗ ସତ, କିନ୍ତୁ ଶ୍ରମିକମାନେ ପ୍ରକୃତ ମଜୁରିରୁ ବଞ୍ଚିତ ହୋଇଥିବାର ପରିମାଣ ଶତକଡା ୪୦ରୁ ନିଶ୍ଚିତ ଭାବେ ଅଧିକ ହେବ । ଏହି ଅଧ୍ୟୟନ ପୁଣି ଲକ୍ଷ୍ୟ କରିଥିଲା ଯେ, ଓଡିଶାରେ ଜଣେ ଶ୍ରମିକକୁ କେତେ ମଜୁରି ମିଳିଛି, ତାହା ମଷ୍ଟର୍ ରୋଲ୍ ଆଧାରରେ ନିରୂପଣ କରିବା ଏକ ଦୁରୂହ ବ୍ୟାପାର, କାରଣ ଦଳେ ଶ୍ରମିକଙ୍କର ମଜୁରିକୁ ଏକତ୍ର କରି ମଷ୍ଟର୍ ରୋଲ୍ରେ ଲିପିବଦ୍ଧ କରାଯାଇଛି । ଏହି ଅଧ୍ୟୟନରେ ପୁଣି ସୂଚୀତ ଥିଲା, ଯଦିଓ ଓଡିଶାର ଅନଗ୍ରସର ଜିଲ୍ଲାମାନଙ୍କ ପାଇଁ ଏନ୍.ଆର୍.ଇ.ଜି.ଏ. କାର୍ଯ୍ୟକ୍ରମର ଏକ ସକାରାତ୍ମକ ଗୁରୁତ୍ୱ ରହିଛି, କିନ୍ତୁ ବ୍ୟାପକ ଦୁର୍ନୀତି ଫଳରେ ଏହା ପୁରାପୁରି ବାଟବଣା ହେବାର ଅଶଙ୍କା ମଧ୍ୟ ରହିଛି । କାର୍ଯ୍ୟାନ୍ୱୟନ ପ୍ରକ୍ରିୟାରେ ଦେଖା ଯାଉଥିବା ବିକୃତିମାନ ରିପୋର୍ଟରେ 'ଦଶ ଦୋଷ' ଶିରୋନାମାରେ ନିମ୍ନମତେ ସ୍ଥାନ ପାଇଛି ।

୧- **ଜବ୍କାର୍ଡର ତ୍ରୁଟିପୂର୍ଣ୍ଣ ଡିଜାଇନ୍-** ଓଡିଶାର ଜବ୍ କାର୍ଡରେ 'ପଇଠ ହୋଇଥିବା ମଜୁରି' ସ୍ତମ୍ଭ ନଥିବାରୁ ତାକୁ ପଢି ଜଣେ ଶ୍ରମିକ ତା'ର କାମ ବାବଦ କେତେ ମଜୁରି ପାଇଛି, ତାହା ଜାଣିବାର ଉପାୟ ନାହିଁ । ଏପରିକି, ଜଣେ ଶ୍ରମିକ କେତେଦିନ ପାଇଁ କାର୍ଯ୍ୟ କରିଛି, ତାହା ମଧ୍ୟ ନିର୍ଣ୍ଣୟ କରିବା ଜଟିଳ, କାରଣ ଉଭୟ ଶ୍ରମିକ ନାମ ଓ କାର୍ଯ୍ୟର ନାମକୁ କୋଡ୍ (ସାଙ୍କେତିକ ସଂଖ୍ୟା) ଦ୍ୱାରା ସୂଚୀତ କରାଯାଇଛି । ଏବଂ ପୁଣି ଏସବୁ ତଥ୍ୟାବଳୀ ଇଂରାଜୀରେ ଲେଖାଯାଇଛି । କାର୍ଯ୍ୟର ତାରିଖ ମଧ୍ୟ ନିର୍ଣ୍ଣୟ କରିବା ଜଟିଳ, କାରଣ ବିଭିନ୍ନ ସ୍ଥାନରେ ବିଭିନ୍ନ ଢଙ୍ଗରେ ତାହା ସୂଚୀତ ହୋଇଛି । ତାଲିମ୍ ପ୍ରାପ୍ତ ଗବେଷକମାନଙ୍କ ପାଇଁ ଜବ୍ କାର୍ଡର ତଥ୍ୟାବଳୀକୁ ବୁଝିବା ଅସମ୍ଭବ, ନିରକ୍ଷର ଶ୍ରମିକମାନଙ୍କ ପ୍ରଶ୍ନ ମୋଟେ ଉଠୁନାହିଁ ।

୨- **ଜବ୍କାର୍ଡର ତ୍ରୁଟିପୂର୍ଣ୍ଣ ରକ୍ଷଣାବେକ୍ଷଣ-** ବହୁ ନମୁନା ଗ୍ରାମରେ ଜବ୍ କାର୍ଡଗୁଡିକରେ କିଛି ଲେଖା ନଥିଲା ବା ଏଣୁତେଣୁ ରୀତିରେ ତଥ୍ୟ ଦରଜ କରଯାଇଥିଲା, ଯାହାକୁ ପଢି ହେଉନଥିଲା ବା ଯେଉଁଥିରୁ କିଛି ଅର୍ଥ ନିଷ୍ପନ୍ନ ହେଉନଥିଲା । ଜବ୍ କାର୍ଡରେ ଏତାଦୃଶ ମନମୁଖୀ ତଥ୍ୟଦରଜ ପାଇଁ କେଉଁ ଅଧିକାରୀ ଉତ୍ତରଦାୟୀ, ସେ ବିଷୟରେ କୌଣସି ସ୍ପଷ୍ଟ ଉତ୍ତର କାହାଠାରୁ ମିଳିନଥିଲା ।

୩- **ଅଧପନ୍ତରିଆ ଜବ୍କାର୍ଡ ଆବଣ୍ଟନ-** ବହୁ ନମୁନା ଗ୍ରାମରେ ଜବ୍କାର୍ଡଗୁଡିକର ଆବଣ୍ଟନରେ ଘୋର୍ ଅନିୟମିତତା ଦେଖିବାକୁ ମିଳିଥିଲା । ଜବ୍କାର୍ଡ ପାଇବା ପାଇଁ ଗ୍ରାମବାସୀମାନଙ୍କ ଭିତରେ ଉତ୍ସୁକତା ଥିବା ସତ୍ତ୍ୱେ ଏବଂ ନିଜକୁ ବିହିତ ପଦ୍ଧତିରେ ପଂଜିକୃତ କରିଥିବା ସତ୍ତ୍ୱେ ଗୋଟିଏ ଗୋଟିଏ ଗ୍ରାମରେ ମୁଷ୍ଟିମେୟ କେତେକ ବ୍ୟକ୍ତିଙ୍କ ଛଡା ଆଉ କାହାକୁ ଜବ୍କାର୍ଡ ମିଳିନଥିଲା । କିନ୍ତୁ ଅନ୍ୟ ପକ୍ଷେ ଲକ୍ଷ୍ୟ କରାଯାଇଥିଲା ଯେ, ଜବ୍ କାର୍ଡ ନଥିବା ଶ୍ରମିକମାନଙ୍କୁ ନେଇ କେତେକ ସ୍ଥାନରେ କାର୍ଯ୍ୟ କରାଯାଉଥିଲା ଏବଂ ପରିଣାମତଃ ମଜୁରି ଏବଂ ଅନ୍ୟାନ୍ୟ ବ୍ୟାପାରରେ ମନମୁଖୀ ଭାବେ ତଥ୍ୟାବଳୀକୁ ଏପଟସେପଟ କରାଯାଉଥିଲା ।

୪- **ମଷ୍ଟର୍ ରୋଲ୍ ଏବଂ ଜବ୍କାର୍ଡରେ ତଥ୍ୟଦରଜରେ ହେରାଫେରି-** ବହୁ ନମୁନା ଗ୍ରାମରେ ମଷ୍ଟର୍ ରୋଲ୍ ଓ ଜବ୍ କାର୍ଡରେ ମନମୁଖୀ ତଥ୍ୟ-ଦରଜ ଏକ ନିତ୍ୟନୈମିତ୍ତିକ ଦୁରାଭ୍ୟାସରେ ପରିଣତ ହୋଇଯାଇଥିଲା । ଦୃଷ୍ଟାନ୍ତ ସ୍ୱରୂପ, ଜବ୍କାର୍ଡ ନଥିବା ଜଣେ ଶ୍ରମିକକୁ ଜବ୍କାର୍ଡ ଥିବା ଶ୍ରମିକର ନାମ ସହିତ ଯୋଡି ଦିଆଯାଉଥିଲା, ଠିକା-କାର୍ଯ୍ୟରେ ସମୂହ ଶ୍ରମଦାନକୁ କେବଳ ଜଣେ ଶ୍ରମିକ-ନେତାଙ୍କ ନାମରେ ସୂଚୀତ କରାଯାଉଥିଲା । ଏହାଛଡା, ଅନ୍-ଲାଇନ୍ ମନିଟରିଂ ଏଣ୍ଡ୍ ଇନ୍ଫର୍ମେସନ୍ ସିଷ୍ଟମ୍ର ଟେକ୍ନିକାଲ୍ ଆବଶ୍ୟକତାକୁ ପୂରଣ କରିବା ପାଇଁ ଏପ୍ରକାର ତଥ୍ୟଗତ ଅଦଳବଦଳ କରାଯାଉଥିଲା ।

**୫- ମଷ୍ଟର୍ ରୋଲ୍‌ରେ ସ୍ୱଚ୍ଛତାର ଅଭାବ:** ନମୁନା ଗ୍ରାମଗୁଡିକରେ ମଷ୍ଟର୍ ରୋଲ୍‌କୁ ନେଇ ବ୍ୟାପକ ଜାଲିଆତି ଘଟିଥିଲା । ୧ମତଃ ପ୍ରକୃତ ତଥ୍ୟଗୁଡିକୁ ଗୋଟିଏ ଟିପାଖାତା ବା 'କଚ୍ଚା ମଷ୍ଟର୍ ରୋଲ୍'ରେ ସାଇତା ହେଉଥିଲା ଓ ସରକାରୀ ବ୍ୟବହାର ପାଇଁ ଏକ 'ପକ୍କା ମଷ୍ଟର୍ ରୋଲ୍' କୌଣସି ଏକ ଗୋପନୀୟ ସ୍ଥାନରେ ପ୍ରସ୍ତୁତ କରାଯାଉଥିଲା । ୨ୟତଃ ଲୋକଙ୍କ ନିରୀକ୍ଷଣ ପାଇଁ କାର୍ଯ୍ୟସ୍ଥଳୀ କି ପଞ୍ଚାୟତ କାର୍ଯ୍ୟାଳୟରେ ମଷ୍ଟର୍ ରୋଲ୍ ରଖାନଯାଇ କୌଣସି ଜଣେ ବ୍ୟକ୍ତିଙ୍କ ଘରେ ସାଇତା ହେଉଥିଲା । ୩ୟତଃ ଜବ୍ କାର୍ଡ ଭଳି ମଷ୍ଟର୍ ରୋଲ୍‌କୁ ଯାଞ୍ଚ କରିବା ମଧ୍ୟ ଦୁସାଧ୍ୟ ଥିଲା ଏବଂ ଶ୍ରମିକମାନଙ୍କ ଉତ୍ତର ସହିତ ତହିଁର କୌଣସି ତାଳମେଳ ନଥିଲା ।

**୬- ଦୁର୍ନମନୀୟ ଏମ୍.ଆଇ.ଏସ୍ -** ଓଡିଶା ସରକାରଙ୍କ ପ୍ରସ୍ତୁତ ଏକ ଦୁର୍ନମନୀୟ ଏମ୍.ଆଇ.ଏସ୍. (ତଦାରଖ ଓ ସୂଚନା ବ୍ୟବସ୍ଥା) ମଧ୍ୟ ତଥ୍ୟ-ଦରଜରେ ହେରାଫେରିକୁ ପ୍ରୋତ୍ସାହନ ଦେଉଥିଲା । ଦୃଷ୍ଟାନ୍ତ ସ୍ୱରୂପ, ଜବ୍ କାର୍ଡ ନଥିବା ଜଣେ ଶ୍ରମିକର ନାମକୁ ଏମ୍.ଆଇ.ଏସ୍. ଗ୍ରହଣ କରବନି । ପୁଣି, ଜବ୍‌କାର୍ଡ ଥିବା ଜଣେ ଶ୍ରମିକ ନାମରେ ଗୋଟିଏ ଆର୍ଥିକ ବର୍ଷରେ ୧୦୦ଦିନରୁ ଅଧିକ କାର୍ଯ୍ୟଦିବସ ଦରଜ କରାଯାଇ ପାରିବ ନାହିଁ । ସୁତରାଂ ଏମ୍.ଆଇ.ଏସ୍.ର ଆଳ ଦେଖାଇ ମଷ୍ଟର୍ ରୋଲ୍‌ରେ ମନମୁଖୀ ଭାବେ ତଥ୍ୟଦରଜ କରାହୋଇ ଆସୁଛି ।

**୭- ଠିକାଦାରମାନଙ୍କ ଶକ୍ତଶାଳୀ ପ୍ରଭାବ-** ଏନ୍.ଆର୍.ଇ.ଜି.ଏ. ଅଧୀନରେ ଠିକାଦାରଙ୍କୁ ନିଷିଦ୍ଧ କରାଯିବା ସତ୍ତ୍ୱେ ରାଜ୍ୟ ସରକାରଙ୍କ ପ୍ରବର୍ତ୍ତୀତ ଗ୍ରାମସ୍ତରୀୟ ନେତା (ଭି.ଏଲ୍.ଏଲ୍.) ଆଡୁଆଳରେ ସେମାନେ ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଏନ୍.ଆର୍.ଇ.ଜି.ଏ. କାର୍ଯ୍ୟପ୍ରକ୍ରିୟାରେ ନିଜର ଆସ୍ଥାନ ଜମାଇ ରଖିଛନ୍ତି । ସ୍ଥାନୀୟ ରାଜନେତାଙ୍କ ବାହୁଛାୟା ତଳେ ଆଶ୍ରିତ ଏହି ଠିକାଦାର ଗୋଷ୍ଠୀ ଶ୍ରମିକମାନଙ୍କୁ ତାଙ୍କର ପ୍ରାପ୍ୟରୁ ବଞ୍ଚିତ କରିବା, ମଷ୍ଟର୍ ରୋଲ୍‌ରେ ହେରାଫେରି ଏବଂ ସାମଗ୍ରୀ ଯୋଗାଣରେ ଠକାମି କରି ସମଗ୍ର ଏନ୍.ଆର୍.ଇ.ଜି.ଏ. ବ୍ୟବସ୍ଥାକୁ ନିଜର ନ୍ୟସ୍ତସ୍ୱାର୍ଥ ପାଇଁ ବ୍ୟବହାର କରିଚାଲିଛନ୍ତି । ସେମାନେ ହିଁ 'ପିସି' (ସଂପୃକ୍ତ ଅଧିକାରୀମାନଙ୍କ ଭିତରେ ଭାଗବଣ୍ଟା) ପରମ୍ପରାର ମୁଖ୍ୟ ଧାରକବାହକ ଅଟନ୍ତି ।

**୮- ସ୍ଥାନୀୟ କାର୍ଯ୍ୟକର୍ତ୍ତାମାନଙ୍କ ଦୁଷ୍ଟଚକ୍ର-** ଜିଲ୍ଲାରୁ ସିଧାସଳଖ ଯେଉଁ ଅର୍ଥ ଗ୍ରା.ପ.କୁ ଯାଉଛି, ତାହା ସରପଞ୍ଚ, ସଂପାଦକ, କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଗ୍ରାମସ୍ତରୀୟ ନେତାଙ୍କ ଭିତରେ ଏକ ଅସାଧୁ ବୁଝାମଣା ଯୋଗୁଁ ବହୁଳ ଭାବେ ତୋଷରପାତ ହେଉଛି । ଏହାଛଡା ଯେଉଁ କନିଷ୍ଠ ଯନ୍ତ୍ରୀ ବ୍ଲକ୍‌ରୁ ଯାଇ କାର୍ଯ୍ୟର ଯାଞ୍ଚ ଓ ପରିମାପ କରିବା କଥା, ତାଙ୍କ ସହିତ ଉପରୋକ୍ତ ଦୁଷ୍ଟଚକ୍ରର ଭିତିରିଆ ବୁଝାମଣା ଯୋଗୁଁ ଦୁର୍ନୀତି ଓ ବାଟମାରଣାକୁ ଧରିବା ଅସମ୍ଭବ ହୋଇପଡିଛି ।

**୯- ଗୋଳମାଳିଆ ମାପଚୁପ -** ଓଡିଶା ସରକାରଙ୍କ ବ୍ୟବସ୍ଥା ଅନୁଯାୟୀ ବ୍ଲକ୍‌ର କନିଷ୍ଠ ଯନ୍ତ୍ରୀଙ୍କ ଦ୍ୱାରା ପ୍ରତି କାର୍ଯ୍ୟର ମାପଚୁପ୍ ହେବା କଥା, ଯାହାକି ଅବାସ୍ତବ । ବସ୍ତୁତଃ ଗ୍ରାମପଞ୍ଚାୟତର ଅଧିକାରୀମାନେ ମାପଚୁପ୍ କରିଥାନ୍ତି, ଏବଂ କନିଷ୍ଠ ଯନ୍ତ୍ରୀ ସେଥିରେ ସମ୍ମତି ଦେଇଥାନ୍ତି । ଯଦିଓ ମଷ୍ଟର୍ ରୋଲ୍‌ର ଏକ ସ୍ତମ୍ଭ ଅଛି, 'ମାପ ଅନୁଯାୟୀ କାର୍ଯ୍ୟର ପରିମାଣ', କିନ୍ତୁ ମାପବହି କେଉଁଠି ଥାଏ, ସେ ବିଷୟ ସାଧାରଣ ଲୋକଙ୍କୁ ସଂପୂର୍ଣ୍ଣ ଅଗୋଚର, ତାକୁ ଯାଞ୍ଚ କରିବା ଦୂରର କଥା ।

**୧୦.ସାଧାରଣ ସମସ୍ୟାମାନ -** ଉପରୋକ୍ତ ଦୋଷମାନ ଓଡିଶାର ବିଶେଷ ପରିସ୍ଥିତିରେ ଉପୁଜୁଥିବା ବେଳେ କେତେକ ସାଧାରଣ ସମସ୍ୟା ରହିଛି, ଯାହାକି ଅନ୍ୟସବୁ ରାଜ୍ୟ ସହିତ ଓଡିଶାରେ ଏନ୍.ଆର୍.ଇ.ଜି.ଏ.କୁ ଲକ୍ଷ୍ୟଚ୍ୟୁତ କରିବାରେ ଦାୟୀ । ସେଗୁଡିକ ହେଲା, ଉପଯୁକ୍ତ କର୍ମଚାରୀଙ୍କ ଅଭାବ, ଗ୍ରାମସଭାର ନିଷ୍କ୍ରିୟତା, ସୁପ୍ତ ତଦାରଖ କମିଟି, ଓ ଅଭିଯୋଗ ମୀମାଂସା ବ୍ୟବସ୍ଥାର ଅଭାବ ।

## ୪.୦ ସି.ଏଣ୍ଡ.ଏ.ଜି.ଙ୍କ ଦ୍ୱାରା ଫଳାଫଳ ସମୀକ୍ଷା

**୪.୧ ସର୍ବେକ୍ଷଣର ପରିସର:** ଭାରତ ସରକାରଙ୍କ ଗ୍ରାମାଞ୍ଚଳ ମନ୍ତ୍ରଣାଳୟର ନିର୍ଦ୍ଦେଶ କ୍ରମେ କମ୍ପଟ୍ରଲର୍ ଏଣ୍ଡ ଅଡିଟର୍ ଜେନେରାଲ୍ ଅଫ୍ ଇଣ୍ଡିଆଙ୍କ ଦ୍ୱାରା ମେ-ସେପ୍ଟେମ୍ବର ୨୦୦୭ରେ ଓଡିଶା ସମେତ ଦେଶର ୨୬ଟି ରାଜ୍ୟର ମୋଟ୍ ୨୦୦ଟି ଜିଲ୍ଲାରେ ଫେବୃଆରି ୨୦୦୬ରୁ ମାର୍ଚ୍ଚ ୨୦୦୭ ଭିତରେ କାର୍ଯ୍ୟାନ୍ୱିତ ହୋଇଥିବା ଏନ୍.ଆର୍.ଇ.ଜି.ଏ.ର ଫଳାଫଳ ସମୀକ୍ଷା (ଅଡିଟ୍ ) କରାଯାଇଥିଲା । ଏଥିପାଇଁ ନମୁନା ସ୍ୱରୂପ, ସେମାନେ ପ୍ରତି ରାଜ୍ୟର ଅନ୍ତତଃ ୨ଟି ଜିଲ୍ଲା, ପ୍ରତି ଜିଲ୍ଲାରୁ ଅନ୍ତତଃ ୨ଟି ବ୍ଲକ୍, ପ୍ରତି ବ୍ଲକ୍‌ରୁ ଅନ୍ୟୁନ ୪ଟି ଗ୍ରା.ପ. ତଥା ପ୍ରତି ଗ୍ରା.ପ.ରେ ସମସ୍ତ ପଂଜିକୃତ ପରିବାର ଏବଂ ୪ଟି ପ୍ରକଳ୍ପ (୩ଟି ସମାପ୍ତ ଓ ୧ଟି ଅସମାପ୍ତ)କୁ ବାଛିଥିଲେ । ଫଳାଫଳ ସମୀକ୍ଷାର ବିବରଣୀକୁ ଡିସେମ୍ବର ୨୦୦୭ରେ ମନ୍ତ୍ରଣାଳୟ ସାମନାରେ ଉପସ୍ଥାପନ କରାଯାଇଥିଲା । ଓଡିଶାରେ ଏନ୍.ଆର୍.ଇ.ଜି.ଏ. ନୀତିନିୟମର ନଗ୍ନ ଉଲ୍ଲଂଘନ କରାଯିବାର କେତେକ ବଛାବଛା ଦୃଷ୍ଟାନ୍ତ ସି.ଏଣ୍ଡ.ଏ.ଜି.ଙ୍କ ବିବରଣୀରୁ ନିମ୍ନରେ ଉଦ୍ଧାର କରାଯାଉଛି ।

**୪.୨ ଛଦ୍ମବେଶୀ ଠିକାଦାର ଓ ଜେ.ଇ.ଙ୍କ ପ୍ରାଧାନ୍ୟ -** କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ବ୍ଲକ୍‌ରେ ଫେବୃଆରି ୨୦୦୬ରୁ ମାର୍ଚ୍ଚ ୨୦୦୭ ଭିତରେ ମୋଟ ୭.୫୫ କୋଟି ଟଙ୍କା ବ୍ୟୟରେ ମୋଟ୍ ୧୪୯ଟି କାର୍ଯ୍ୟ ଭି.ଏଲ୍.ଏଲ୍. ମୁଖାପିନ୍ଧା ଠିକାଦାର ଏବଂ ବିଭାଗୀୟ କାର୍ଯ୍ୟ ନାଁ ରେ ଜୁନିଅର୍ ଇଞ୍ଜିନିଅର୍‌ମାନଙ୍କ ମାଧ୍ୟମରେ ସମ୍ପାଦିତ ହୋଇଥିଲା । ସେମାନେ ହିଁ ବିନା ଟେଣ୍ଡର୍‌ରେ ସାମଗ୍ରୀ ଯୋଗାଇଥିଲେ ଏବଂ ନିଜେ ରେକର୍ଡ ପତ୍ର ପ୍ରସ୍ତୁତ କରି ନିଜେ ଯାଞ୍ଚ କରିଥିଲେ ।

**୪.୩ ନିକୃଷ୍ଟ ମାନର ନିର୍ମାଣକାର୍ଯ୍ୟ-** ଏନ୍.ଆର୍.ଇ.ଜି.ଏ. ମାର୍ଗଦର୍ଶୀକା ସର୍ବ-ଋତୁ ଅନୁକୂଳ ଗ୍ରାମ୍ୟ ରାସ୍ତା ନିର୍ମାଣ ଉପରେ ଜୋର୍ ଦେଇଥିବା ବେଳେ ଭବାନୀପାଟଣା ବ୍ଲକ୍‌ରେ ୧୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ୩ଟି ରାସ୍ତାର ଗୁଣାତ୍ମକ ମାନ ଅତ୍ୟନ୍ତ ନିକୃଷ୍ଟ ଥିଲା । ମାପବହିରେ ଅତିରଞ୍ଜିତ ମାପ ଦର୍ଶାଯାଇ ଗୋଟିଏ ସ୍ଥାନରେ ୧ଲକ୍ଷ ୮୦ହଜାର ଟଙ୍କା ଅଧିକ ବ୍ୟୟ ହୋଇଥିବାର ଦୃଷ୍ଟାନ୍ତ ମିଳିଥିଲା ।

**୪.୪ କାର୍ଯ୍ୟସଂପାଦନରେ ଅନିୟମିତତା -** କଳାହାଣ୍ଡି ଜିଲ୍ଲାରେ ଭବାନୀପାଟଣାର ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀଙ୍କ ଅବହେଳା ଯୋଗୁଁ ୪୬ଟି କାର୍ଯ୍ୟର ସମ୍ପାଦନ ବିଳମ୍ବିତ ହୋଇଥିଲା, ଏବଂ ଏହି କାରଣରୁ ୩୫.୦୩ ଲକ୍ଷ ଟଙ୍କାର ଅଯଥା ଅପଚୟ ଘଟିଥିଲା । ଭବାନୀପାଟଣା ବ୍ଲକ୍‌ରେ ୧୩ଟି କାର୍ଯ୍ୟର ସଂପାଦନରେ ତୃଟି ଯୋଗୁଁ ୭.୯୮ଲକ୍ଷ ଟଙ୍କା ଅତିରିକ୍ତ ଖର୍ଚ୍ଚ ହୋଇଥିଲା । ୨୦୦୬-୦୭ରେ ଭବାନୀପାଟଣା ବ୍ଲକ୍‌ରେ ବିନା ବୈଷୟିକ ମଞ୍ଜୁରିରେ ଗୋଟିଏ ରାସ୍ତା ୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିଲା । ଏନ୍.ଆର୍.ଇ.ଜି.ଏ. ମାର୍ଗଦର୍ଶୀକାକୁ ଅନୁସରଣ ନକରି ଭବାନୀପାଟଣାରେ ଦୁଇଟି ସଂସ୍ଥା ସାତଟି ଅସମାପ୍ତ କାର୍ଯ୍ୟକୁ ସମାପ୍ତ କରିବା ନାଁରେ ୪୭.୮୦ଲକ୍ଷ ଟଙ୍କା ବ୍ୟୟ କରିଥିଲେ । ଭବାନୀପାଟଣାର ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ୨୯.୮୫ ଲକ୍ଷ ଟଙ୍କା ବ୍ୟୟର କାର୍ଯ୍ୟଗୁଡ଼ିକରେ ଅପଂଜିକୃତ ଶ୍ରମିକମାନଙ୍କୁ ନିୟୋଜନ କରିଥିଲେ ତଥା କାର୍ଯ୍ୟକ୍ରମ ଅଧିକାରୀଙ୍କ ଅଗୋଚରରେ କଚ୍ଚା ମଷ୍ଟର୍ ରୋଲ୍ ବ୍ୟବହାର କରିଥିଲେ ।

**୪.୫ ହିତାଧିକାରୀମାନଙ୍କୁ ଠକେଇ-** କଳାହାଣ୍ଡି ଓ ବଲାଙ୍ଗିର ଜିଲ୍ଲାରେ ସରପଞ୍ଚ/ପଞ୍ଚାୟତ ପ୍ରତିନିଧି ଓ ବିଡିଓଙ୍କ ଉପସ୍ଥିତିରେ ୧୪୨ଟି ହିତାଧିକାରୀ ପରିବାରଙ୍କ ସହ ସାକ୍ଷାତକାର ପରେ ଜଣା ପଡିଥିଲା ଯେ, ୯୮ଜଣ ମୋଟେ ନିଯୁକ୍ତି ପାଇନାହାନ୍ତି, ଏବଂ ୧୧୭ଟି ପରିବାରଙ୍କୁ ମୋଟ୍ ୫.୭୬ଲକ୍ଷ ଟଙ୍କା ପଇଠ କରାଯାଇଛି ବୋଲି ମଷ୍ଟର୍ ରୋଲ୍ ଓ ଅନ୍‌ଲାଇନ୍‌ରେ ସୂଚୀତ ହୋଇଥିବା ସ୍ଥଳେ ପ୍ରକୃତରେ ମାତ୍ର ୩.୪୧ଲକ୍ଷ ଟଙ୍କା ପଇଠ ହୋଇଛି ବୋଲି ଜଣା ପଡିଥିଲା । ଭବାନୀପାଟଣା ବ୍ଲକ୍‌ରେ ୧୩ଟି ମଷ୍ଟର୍ ରୋଲ୍‌ରେ ମୋଟ୍ ୬୪ଜଣ 'ଅଯୋଗ୍ୟ' ଶ୍ରମିକଙ୍କୁ ନିଯୁକ୍ତି ଦିଆଯାଇ ସେମାନଙ୍କୁ ମୋଟ୍ ୭୭ହଜାର ଟଙ୍କାର ମଜୁରି ଦିଆଯାଇଛି । ୧୪୨ଟି ଜବ୍‌କାର୍ଡକୁ ଯାଞ୍ଚ କରି ଜଣାପଡିଥିଲା ଯେ, ୫୫ଟି କାର୍ଡ କ୍ଷେତ୍ରରେ ମାତ୍ର ୨୫୧୫ କାର୍ଯ୍ୟଦିବସ ଯୋଗାଇ ଦିଆଯାଇଥିବା ସ୍ଥଳେ ଅନ୍‌ଲାଇନ୍ ଜବ୍‌କାର୍ଡରେ ୪୩୧୩ କାର୍ଯ୍ୟଦିବସ ସୂଚୀତ ହୋଇଥିଲା । ବାକୀ ୮୭ଟି କ୍ଷେତ୍ରରେ ମଧ୍ୟ ଅନୁରୂପ ଅସଂଗତି ଦେଖା ଦେଇଥିଲା ।

**୪.୬ ବେରୋଜଗାର ଭତ୍ତାର ବ୍ୟବସ୍ଥା ହିଁ ନଥିଲା-** ଓଡିଶା ସରକାର ବେରୋଜଗାର ଭତ୍ତାର ବ୍ୟବସ୍ଥା ବଜେଟ୍‌ରେ ରଖିନଥିଲେ । ହିତାଧିକାରୀ ମାନଙ୍କୁ କାର୍ଯ୍ୟ ପାଇଁ ଆବେଦନର ରସିଦ୍ ଦିଆଯାଉ ନଥିଲା କିମ୍ବା ନିଯୁକ୍ତି ରେଜିଷ୍ଟର୍‌ର ରଖାଯାଇ ନଥିଲା । ଫଳତଃ ହିତାଧିକାରୀମାନଙ୍କ ପକ୍ଷେ ବେରୋଜଗାର ଭତ୍ତାର ଦାବୀ ସାବ୍ୟସ୍ତ କରିବା ଦୁସାଧ୍ୟ ଥିଲା । ୨୦୦୬-୦୭ରେ ୧୨ଟି ବ୍ଲକ୍‌ରେ ୫୧୪୩ ପଂଜିକୃତ ପରିବାର କାର୍ଯ୍ୟ ପାଇଁ ଆବେଦନ କରିସୁଦ୍ଧା କାର୍ଯ୍ୟ ପାଇନଥିଲେ କିମ୍ବା ସେମାନଙ୍କୁ ବେରୋଜଗାର ଭତ୍ତା ମିଳିନଥିଲା ।

**୪.୭ ମଷ୍ଟର୍ ରୋଲ୍ ଜାଲିଆତି-** ମଷ୍ଟର୍ ରୋଲ୍ ପାଇଁ ବିହିତ ହୋଇଥିବା ଫର୍ମାଟ୍ ଓଡିଶାରେ ଅନୁସୃତ ହେଉନଥିଲା, କିମ୍ବା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ସର୍ବସାଧାରଣଙ୍କ ନିରୀକ୍ଷଣ ପାଇଁ ମଷ୍ଟର୍ ରୋଲ୍ ଉପଲବ୍ଧ ନଥିଲା । ମଷ୍ଟର୍ ରୋଲ୍‌ରେ ଶ୍ରମିକର ନାମ, ଜବ୍ କାର୍ଡ ନମ୍ବର, କାର୍ଯ୍ୟଦିବସ ଓ ଅନୁପସ୍ଥିତ ଥିବା ଦିନସଂଖ୍ୟା ଏବଂ ପଇଠ ମଜୁରି ସମ୍ବନ୍ଧରେ ସୁନିର୍ଦ୍ଦିଷ୍ଟ ତଥ୍ୟାବଳୀ ନଥିଲା । ସର୍ବେକ୍ଷଣ ପରିସରଭୁକ୍ତ ୧୨ଟି ବ୍ଲକ୍‌ରେ ବିଭିନ୍ନ ବାବଦରେ ଘଟିଥିବା ଅର୍ଥବ୍ୟୟ ସହିତ ମଷ୍ଟର୍ ରୋଲ୍‌ର କୌଣସି ସଂପର୍କ ନଥିଲା । ବରଂ ଠିକ୍ ଯେପରି କଣ୍ଟ୍ରାକ୍ଟର୍ ମାନଙ୍କୁ ଅର୍ଥ ମଞ୍ଜୁରି କରାଯାଇଥାଏ, ସେହିପରି ଜେ.ଇ. ଏବଂ କାର୍ଯ୍ୟ-ନିର୍ବାହୀ ସଂସ୍ଥାମାନଙ୍କୁ ଅର୍ଥ ରିଲିଜ୍ କରାଯାଇଛି । ମୂଳ ମଷ୍ଟର୍ ରୋଲ୍ ସହିତ ଅନ୍‌ଲାଇନ୍ ମଷ୍ଟର୍ ରୋଲ୍‌ର କୌଣସି ତାଳମେଳ ନଥିଲା । ପାଟଣାଗଡ ବ୍ଲକ୍‌ରେ ଏପରି ତିନୋଟି କେଶ୍ ଧରା ପଡିଥିଲା । ଭବାନୀପାଟଣା ବ୍ଲକ୍‌ରେ ୧୬-୩୦ ମାର୍ଚ୍ଚ ୨୦୦୭ ରେ ସମ୍ପାଦିତ ହୋଇଥିବା ଏକ କାର୍ଯ୍ୟରେ ୧.୭୬ ଲକ୍ଷ ଟଙ୍କା ମଜୁରି ବ୍ୟୟ ହୋଇଛି ବୋଲି ମଷ୍ଟର୍ ରୋଲ୍‌ର ଏକ ତାଳିପକା ପୃଷ୍ଠାରେ ସୂଚୀତ ହୋଇଥିଲା । ସେହିପରି ୪ଟି ଗ୍ରା.ପ.ରେ ୧୧୪ ଜଣ ଶ୍ରମିକଙ୍କୁ ୬୮୪ କାର୍ଯ୍ୟଦିବସ ପାଇଁ ୬୭ହଜାର ଟଙ୍କା ମଜୁରି ପଇଠ ହୋଇଛି ବୋଲି ମଷ୍ଟର୍ ରୋଲ୍‌ରେ ଦର୍ଶାଯାଇଥିଲା, ଯାହାକି ଅନ୍‌ଲାଇନ୍ ମଷ୍ଟର୍ ରୋଲ୍ ତୁଳନାରେ ଅତିରିକ୍ତ ବେଶି ଥିଲା । ମଷ୍ଟର୍ ରୋଲ୍ ଯାଞ୍ଚ, ସର୍ବସାଧାରଣ ଅଭିଯୋଗ ଏବଂ ଗ୍ରାମବାସୀମାନଙ୍କ ମତାମତ ଭିତ୍ତିରେ ଜଣା ପଡିଥିଲା ଯେ, ୧୮ଟି ମଷ୍ଟର୍ ରୋଲ୍‌ରେ ସାତଜଣ ମୃତ ବ୍ୟକ୍ତିଙ୍କୁ ୧୧,୫୨୧ଟଙ୍କା, ତଥା ବିବାହ ପରେ ଅନ୍ୟ ଗାଁକୁ ଚାଲିଯାଇଥିବା ଝିଅ ଓ ବାହାରେ ରହିଥିବା ଛାତ୍ରଛାତ୍ରୀ, କର୍ମଚାରୀ ଓ ବ୍ୟବସାୟୀମାନଙ୍କୁ ୪୪,୮୫୯ ଟଙ୍କାର ମଜୁରି ପଇଠ କରାଯାଇଛି । କେଉଁଝର ଓ ବଲାଙ୍ଗିର ଜିଲ୍ଲାରେ ୩ଟି କାର୍ଯ୍ୟରେ ୨୧ ଜଣ ଶ୍ରମିକ ୧୫୫ କାର୍ଯ୍ୟଦିବସ ପାଇଁ କାର୍ଯ୍ୟ କରିଥିଲେ ହେଁ ଉଭୟ ମୂଳ ଓ ଅନ୍‌ଲାଇନ୍ ମଷ୍ଟର୍ ରୋଲ୍‌ରେ ୭୬୨ କାର୍ଯ୍ୟଦିବସ ଦର୍ଶୀତ ହୋଇଥିଲା । ନର୍ଲା ବ୍ଲକ୍‌ର ୨ଟି ଗ୍ରା.ପ.ରେ ୧୧ଜଣ ଶ୍ରମିକ ଏକା ସମୟରେ ବିଭିନ୍ନ କାର୍ଯ୍ୟରେ ନିଯୁକ୍ତ ଥିଲେ ଏବଂ ଏ ବାବଦକୁ ମୋଟ୍ ଟ୨୩,୨୮୨/- ପାଇଛନ୍ତି ବୋଲି ଦର୍ଶୀତ ହୋଇଥିଲା ।

**୪.୮ ବିଶୃଙ୍ଖଳିତ ରେକର୍ଡପତ୍ର-** ବିହିତ ହୋଇଥିବା ଫର୍ମାଟ୍‌ରେ କୌଣସି ଗୋଟିଏ ରେଜିଷ୍ଟର୍ କି ଦଲିଲ୍ ଅନୁରକ୍ଷିତ ହୋଇନଥିଲା । ଫଳରେ, ଜଣେ ପରିବାରକୁ ବର୍ଷକ ଭିତରେ ଅନ୍ୟୂନ ୧୦୦ଦିନର ମଜୁରି ଶ୍ରମ ମିଳିବ ବୋଲି ଯେଉଁ ବୈଧାନିକ ଗ୍ୟାରେଣ୍ଟି ରହିଛି, ତାହା କେତେଦୂର ପୂରଣ ହୋଇଛି କି ନାହିଁ ଯାଞ୍ଚ କରିବା ମୋଟେ ସମ୍ଭବ ନଥିଲା । ଓଡିଶାରେ ଅନୁରକ୍ଷିତ ହେଉଥିବା ରେକର୍ଡଗୁଡିକୁ ଭିତ୍ତି କରି ନିମ୍ନୋକ୍ତ ଜରୁରୀ ପ୍ରଶ୍ନଗୁଡିକର ଉତ୍ତର ମିଳି ପାରିବା ସମ୍ଭବ ନୁହେଁ-

- କେତେ ପରିବାର କାର୍ଯ୍ୟ ଦାବୀ କରିଥିଲେ ?
- କେତେ ପରିବାରଙ୍କୁ କାର୍ଯ୍ୟ କେତେଦିନ ପାଇଁ ମିଳିଥିଲା ?

- କେତେ ପରିବାର ୧୦୦ଦିନର କାର୍ଯ୍ୟ ପାଇଥିଲେ ?
- ଏସ୍.ସି, ଏସ୍.ଟି, ଏବଂ ମହିଳା ହିତାଧିକାରୀଙ୍କ ସଂଖ୍ୟା କେତେ ଥିଲା, ଏବଂ ସେମାନେ କେତେ ଦିନର କାର୍ଯ୍ୟ ଦାବୀ କରିଥିଲେ ଓ କେତେ ଦିନର କାର୍ଯ୍ୟ ପାଇଥିଲେ ?
- ବେରୋଜଗାର ଭତ୍ତା ପାଇଁ ପ୍ରାପ୍ୟ ମିଳିଥିଲା କି ନାହିଁ ?

**୪.୯ ପାଣ୍ଠି ପରିଚାଳନାରେ ହେରାଫେରି:** ଗ୍ରା.ପ.ମାନେ ଅତିରିକ୍ତ ପାଣ୍ଠି ଦାବୀ କଲାବେଳେ ଗ୍ରାମସଭା ଦ୍ୱାରା ଯଥୋଚିତ ଭାବେ ଅନୁମୋଦିତ ହୋଇଥିବା ଜନସଜାଗ ଓ ତଦାରଖ କମିଟିର ରିପୋର୍ଟ ଦାଖଲ କରୁନଥିଲେ । ଡି.ଆର୍.ଡି.ଏ. କଳାହାଣ୍ଡି ମାର୍ଚ୍ଚ ୨୦୦୬ରେ ମାତ୍ର ୪୯.୮୦ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା ବେଳେ ୭୦.୦୨ ଲକ୍ଷ ଟଙ୍କାର ବିନିଯୋଗ ପ୍ରମାଣପତ୍ର ଦାଖଲ କରିଥିଲେ । ଲୁଇସିଙ୍ଗା ବ୍ଲକ୍, ଭବାନୀପାଟଣା ବ୍ଲକ୍ ଓ ୩ଟି ଗ୍ରା.ପ.ରେ ସ୍କିମ୍ ପାଣ୍ଠିରୁ ମୋଟ୍ ୨୯.୬୭ ଲକ୍ଷ ଟଙ୍କା ସ୍କିମ୍ ବହିର୍ଭୁତ ଉଦ୍ଦେଶ୍ୟ (ଯଥା କର୍ମଚାରୀଙ୍କ ଦରମା, ବିପର୍ଯ୍ୟୟ ସହାୟତା ଇତ୍ୟାଦି) ପାଇଁ ବ୍ୟୟ କରାଯାଇଥିଲା, ଏବଂ ସେଥିରୁ ୧୧.୧୬ ଲକ୍ଷ ଟଙ୍କା ଅସୁଲ କରାଯାଇ ପାରିନଥିଲା । ଭବାନୀପାଟଣା ବିଡିଓ କାର୍ଯ୍ୟକ୍ରମର ଆନୁଷଙ୍ଗିକ ବ୍ୟୟ ବାବଦକୁ ୧୧.୧୬ ଲକ୍ଷ ଟଙ୍କା ଉଠାଇ ତାକୁ ଭିନ୍ନ ଉଦ୍ଦେଶ୍ୟରେ ଖର୍ଚ୍ଚ କରିଥିଲେ । ଯଦିଓ ଅଗ୍ରୀମ ଅର୍ଥ ଉଠାଣ ପାଇଁ ୭ଦିନ ଭିତରେ ଭାଉଚର୍ ଦାଖଲ କରିବାର ନିୟମ ରହିଛି, ୧୩ଜଣ କର୍ମଚାରୀ ୭୧.୭୪ ଲକ୍ଷ ଟଙ୍କାର ଅଗ୍ରୀମ ଅର୍ଥ ଉଠାଇ ୬ରୁ ୯ ମାସ ଯାଏ ତାହା ଦାଖଲ କରିନଥିଲେ । ୨ଟି ଗ୍ରାମ ପଞ୍ଚାୟତରେ କାର୍ଯ୍ୟନିର୍ବାହୀ ଅଧିକାରୀ ବଦଳି ହୋଇଥିବା ସତ୍ତ୍ୱେ ସେମାନଙ୍କ ହେପାଜତରେ ଥିବା ୧.୭୭ ଲକ୍ଷ ଟଙ୍କାର ନଗଦ ଅର୍ଥକୁ ନିଜର ଉତ୍ତରାଧିକାରୀଙ୍କୁ ହସ୍ତାନ୍ତର କରିନଥିଲେ । ଡି.ଆର୍.ଡି.ଏ. ବଲାଙ୍ଗିରଙ୍କୁ ରାଜ୍ୟ ସରକାରଙ୍କ ଦ୍ୱାରା ରାଜ୍ୟର ଅଂଶ ୪.୦୩ କୋଟି ଟଙ୍କା ହସ୍ତାନ୍ତର କ୍ଷେତ୍ରରେ ୩୭ରୁ ୭୪ଦିନର ବିଳମ୍ବ ଘଟିଥିଲା ।

**୪.୧୦ ସର୍ବକ୍ଷଣ, ଉତ୍ସର୍ଗୀକୃତ ଅଧିକାରୀଙ୍କ ଅଭାବ-** ଉଭୟ ଆଇନ୍ ଓ ମାର୍ଗଦର୍ଶୀକାରେ ବ୍ଲକ୍ ଓ ପଞ୍ଚାୟତ ସ୍ତରରେ ଏନ୍.ଆର୍.ଇ.ଜି.ଏ. ପାଇଁ ସର୍ବକ୍ଷଣ, ଉତ୍ସର୍ଗୀକୃତ ଅଧିକାରୀମାନଙ୍କୁ ନିଯୁକ୍ତ କରିବା ପାଇଁ ବ୍ୟବସ୍ଥା ଥିଲେ ହେଁ ଓଡିଶା ସମେତ ବିଭିନ୍ନ ରାଜ୍ୟରେ ବର୍ତ୍ତମାନର ବିଡିଓ ଏବଂ ଜେ.ଇ. ଇତ୍ୟାଦିଙ୍କୁ ନେଇ ସରକାର କାମ ଚଳାଉଛନ୍ତି । ଫଳତଃ ଅନ୍ୟ ବହୁ ଦାୟିତ୍ୱରେ ଭାରାକ୍ରାନ୍ତ ଥିବା ଏହି ଅଧିକାରୀ ମାନେ ଏନ୍.ଆର୍.ଇ.ଜି.ଏ. ପାଇଁ ଆବଶ୍ୟକ ଦୃଷ୍ଟି ଦେଇପାରୁ ନାହାନ୍ତି ଏବଂ ତଦ୍ୱାରା ସମଗ୍ର କାର୍ଯ୍ୟକ୍ରମ ଭଣ୍ଡୁର ହୋଇପଡୁଛି ।

**୪.୧୧ ଯୋଜନା ପ୍ରସ୍ତୁତିରେ ଗ୍ରାମସଭାର ଭୂମିକା ନାହିଁ-** ଏନ୍.ଆର୍.ଇ.ଜି.ଏ. ର ବାର୍ଷିକ ଯୋଜନା ଗ୍ରାମସଭା/ପଲ୍ଲୀସଭା ଦ୍ୱାରା ପ୍ରଣୀତ ହେବା ପାଇଁ ଆଇନ୍‌ର ନିର୍ଦ୍ଦେଶ ଥିଲେ ହେଁ, କୌଣସି ସ୍ଥାନରେ ତାହା ଘଟିନାହିଁ ।

**୪.୧୨ ପଂଜିକରଣ ଓ ଜବ୍‌କାର୍ଡ ଆବଣ୍ଟନରେ ବିଶୃଙ୍ଖଳା-** ମାର୍ଗଦର୍ଶୀକା ଅନୁଯାୟୀ ପ୍ରଥମେ ଗ୍ରାମସଭାର ବୈଠକ ଅନୁଷ୍ଠିତ ହେବା ପରେ ଇଚ୍ଛୁକ ପରିବାରମାନଙ୍କୁ ଚିହ୍ନଟ କରିବା ପାଇଁ ଘରଘର ବୁଲି ଏକ ସର୍ବେକ୍ଷଣ କରାଯିବାର ଆବଶ୍ୟକ ଥିଲା । ତାହା ଘଟିନାହିଁ କି ଇଚ୍ଛୁକ ପରିବାରମାନଙ୍କୁ ଉଚିତ୍ ସମୟରେ ମାଗଣା ଜବକାର୍ଡ ଯୋଗାଇ ଦିଆଯାଇ ପାରିନି ।

**୪.୧୩ କର୍ମନିଯୁକ୍ତି ଓ ମଜୁରିହାର ନିର୍ଦ୍ଧାରଣରେ ବିଫଳତା-** ମାର୍ଗଦର୍ଶୀକା ଅନୁଯାୟୀ ପ୍ରତି ଜିଲ୍ଲାର ବିଶେଷ ଭୌଗଳିକ ସ୍ଥିତି ଓ ଉତ୍ପାଦନଶୀଳତାକୁ ଦୃଷ୍ଟିରେ ରଖି ସେହି ଜିଲ୍ଲା ପାଇଁ ହାରସମୂହର ଅନୁସୂଚୀ (ଡି.ଏସ୍.ଆର୍.) ଘୋଷିତ ହେବ ଏବଂ ତାହା ପ୍ରତି କାର୍ଯ୍ୟସ୍ଥଳୀରେ ପ୍ରଦର୍ଶୀତ ହେବ । ପୁଣି, ପ୍ରତିଦିନର କାର୍ଯ୍ୟ ସେହି ଦିନ ମାପ ହେବା ଜରୁରୀ । କିନ୍ତୁ ତାହା ତ ହୋଇନାହିଁ, ବରଂ ବିଳମ୍ବରେ ମନମୁଖୀ ଭାବେ ମାପ କରାଯାଇଛି, ରାଜ୍ୟ ମଜୁରି ହାର ଠାରୁ କମ୍ ମଜୁରି, ଏବଂ ପୁଣି ତାହା ସର୍ବାଧିକ ୧୫ଦିନର ବ୍ୟବଧାନ ଠାରୁ ଅଧିକ ବିଳମ୍ବରେ ଦିଆଯାଇଛି ତଥା ସର୍ବୋପରି ବିଳମ୍ବିତ ମଜୁରି ପଇଠ କାରଣରୁ ଆଇନ୍ ଅନୁଯାୟୀ କ୍ଷତିପୂରଣ ଦିଆଯାଇନି ।

**୪.୧୪ ସାମାଜିକ ସମୀକ୍ଷା ହୋଇନାହିଁ-** ଉଭୟ ଆଇନ୍ ଓ ମାର୍ଗଦର୍ଶୀକା ଅନୁଯାୟୀ ଗ୍ରାମସଭା ଦ୍ୱାରା ମାର୍ଗଦର୍ଶୀକାର ଅଧ୍ୟାୟ-୧୧ରେ ବିହିତ ପଦ୍ଧତିରେ ପ୍ରତି ୬ମାସରେ ପ୍ରକଳ୍ପଗୁଡିକର ସାମାଜିକ ସମୀକ୍ଷା ଅନୁଷ୍ଠିତ ହେବା କଥା । କିନ୍ତୁ ତାହା କେଉଁଠି ହୋଇନାହିଁ ।

## ୫.୦ ଏନ୍.ଆଇ.ଆର୍.ଡି. ଦ୍ୱାରା ସାମାଜିକ ସମୀକ୍ଷା

**୫.୧ ପ୍ରାଥମିକ ସୂଚନା:** ଭାରତ ସରକାରଙ୍କ ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟ ଅଧୀନରେ ଏକ ସ୍ୱୟଂଶାସିତ ସଂସ୍ଥା ଭାବେ କାର୍ଯ୍ୟରତ ନାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ରୁରାଲ୍ ଡେଭଲପମେଣ୍ଟ, ହାଇଦ୍ରାବାଦଙ୍କ ଦ୍ୱାରା ନଭେମ୍ବର ୨୦୦୭ରେ ଓଡିଶାର ୪୦ଟି ଗ୍ରାମ ପଞ୍ଚାୟତରେ ଏନ୍.ଆର୍.ଇ.ଜି.ଏ.ର କାର୍ଯ୍ୟକାରିତାର ମୂଲ୍ୟାୟନ ପାଇଁ ଏକ ସାମାଜିକ ସମୀକ୍ଷା ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସରକାର ଏହି ସମୀକ୍ଷା ପାଇଁ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ । ଏହି ସମୀକ୍ଷାର ଫଳାଫଳରୁ ଜଣା ପଡିଥିଲା ଯେ, ୨୦୦୬-୦୭ ତୁଳନାରେ ୨୦୦୭-୦୮ରେ ରାଜ୍ୟରେ ଏନ୍.ଆର୍.ଇ.ଜି.ଏ.ର କାର୍ଯ୍ୟପ୍ରକ୍ରିୟାରେ ଉନ୍ନତି ପରିଲକ୍ଷିତ ହୋଇଥିଲେ ହେଁ କେତେକ ପ୍ରକ୍ରିୟାଗତ ଦୋଷତ୍ରୁଟି ରହିଯାଇଛି, ଯାହାକି ଉପଯୁକ୍ତ ରାଜନୈତିକ ଇଚ୍ଛାଶକ୍ତି ବଳରେ ସଂଶୋଧନ ହୋଇପାରିବ ।

**୫.୨ ପରିଲକ୍ଷିତ ଦୋଷତ୍ରୁଟି-**

- ଅନେକ ପରିବାର ପଂଜିକୃତ ହୋଇନାହାନ୍ତି ଓ ଅନେକ ପଂଜିକୃତ ପରିବାରକୁ ଜବ୍ କାର୍ଡ ମିଳିନାହିଁ ।

- କେତେକ ଗ୍ରା.ପ.ରେ ଅନୁପଯୁକ୍ତ କାର୍ଯ୍ୟ, ଯଥା ମଜୁରି ଅନୁପାତରେ ଅଧିକ ସାମଗ୍ରୀ ଆବଶ୍ୟକ କରୁଥିବା କାର୍ଯ୍ୟମାନ ହାତକୁ ନିଆଯାଇଛି ।
- ମଷ୍ଟର୍ ରୋଲ୍‌ରେ ସୂଚୀତ ତଥ୍ୟାବଳୀରେ ଅସଂଗତି ରହିଯାଇଛି ।
- ଜବ୍ କାର୍ଡ ପାଇନଥିବା ଶ୍ରମିକମାନଙ୍କୁ କାର୍ଯ୍ୟରେ ନିଯୁକ୍ତି ଦିଆଯାଇଛି ।
- ମାପ ବହିରେ କାର୍ଯ୍ୟଗୁଡିକର ଅତିରିକ୍ତ ମାପ ଦର୍ଶୀତ ହୋଇଛି ।
- ଅବର୍ତ୍ତମାନ ବ୍ୟକ୍ତିଙ୍କ ନାମ ମଷ୍ଟର୍ ରୋଲ୍‌ରେ ସ୍ଥାନ ପାଇଛି ।
- ଠିକାଦାରମାନଙ୍କ ଜରିଆରେ ବାହାରୁ ଶ୍ରମିକମାନଙ୍କୁ ଆଣି ନିଯୁକ୍ତି ଦିଆଯାଇଛି ।
- ଏସ୍.ଜି.ଆର୍.ଓ୍ୱାଇ, ଏବଂ ଏନ୍.ଏଫ୍.ଏଫ୍.ଡବ୍ଲ୍ୟୁ. ଭଳି ପୁରୁଣା ସ୍କିମ୍‌ର କାର୍ଯ୍ୟାବଳୀକୁ ଏନ୍.ଆର୍.ଇ.ଜି.ଏ.ର କାର୍ଯ୍ୟାବଳୀ ଭିତରେ ଗୋଳିଆମିଶା କରି ଦିଆଯାଇଛି ।
- ନକଲି ମଷ୍ଟର୍ ରୋଲ୍‌ର ବ୍ୟବହାର ହୋଇଛି ।

**୫.୩ କେ.ବି.କେ. ଜିଲ୍ଲାମାନଙ୍କରେ ଦୟନୀୟ ସ୍ଥିତି-** ଉକ୍ତ ଅଧ୍ୟୟନ ଅନ୍ୟ ବହୁ ବିଷୟ ସହିତ ଏକଥା ସ୍ୱୀକାର କରିଛି, "ରାଜ୍ୟରେ ଦରିଦ୍ରତମ ଏବଂ ଅନଗ୍ରସରତମ ଜିଲ୍ଲାସମୂହ ଭାବେ ପରିଚିତ କେ.ବି.କେ. ଜିଲ୍ଲାଗୁଡିକ ସବୁଠୁଁ ନିକୃଷ୍ଟତମ ଭୂମିକା ପ୍ରଦର୍ଶନ କରିଛନ୍ତି । କେ.ବିକେ. (ବଲାଙ୍ଗିର, କଳାହାଣ୍ଡି, କୋରାପୁଟ, ମାଲକାନ୍‌ଗିରି, ନବରଙ୍ଗପୁର, ନୂଆପଡା ଜିଲ୍ଲା) ଅଞ୍ଚଳରେ ମୋଟ୍ ମଜୁରି ବ୍ୟୟର ଶତକଡା ମାତ୍ର ୨୬ ଶ୍ରମିକମାନଙ୍କ ନିକଟରେ ପହଞ୍ଚିଛି" । ଜିଲ୍ଲା-ଓ୍ୱାରି ହିସାବ ଦେଇ ଏନ୍.ଆଇ.ଆର୍.ଡି. ରିପୋର୍ଟ ଦର୍ଶାଇଛି ଯେ, କଳାହାଣ୍ଡିରେ ପଇଠ ବୋଲି ଦର୍ଶୀତ ହୋଇଥିବା ମଜୁରି ପରିମାଣର ଶତକଡା ୮୮ ଭାଗ ବାଟମାରଣା ହୋଇଥିବା ବେଳେ ମାଲ୍‌କାନଗିରିରେ ଏହା ଶତକଡା ୮୯ ଭାଗ, କୋରାପୁଟ, କେଉଁଝର ଓ ଢେଙ୍କାନାଳରେ ଏହା ଶତକଡା ୭୫ଭାଗ, ନବରଙ୍ଗପୁରରେ ଏହା ୭୩ଭାଗ, ନୂଆପଡାରେ ଏହା ୫୯ଭାଗ, ବଲାଙ୍ଗିରରେ ଏହା ୫୭ ଭାଗ, ଏବଂ ରାୟଗଡାରେ ଏହା ୫୩ ଭାଗ । ଏହି ରିପୋର୍ଟ ଅନୁଯାୟୀ ୨୦୦୬-୦୭ ଓ ୨୦୦୭-୦୮ରେ ସାରା ରାଜ୍ୟରେ ସାମଗ୍ରୀକ ଭାବେ "ଦର୍ଶୀତ ହୋଇଥିବା ମଜୁରି ପଇଠ ଭିତରୁ ଶତକଡା ୫୮ରୁ ଅଧିକ ବାଟମାରଣା ହୋଇଛି" ।

**୫.୪ ସି.ଇ.ଏଫ୍.ଏସ୍., ନୂଆଦିଲ୍ଲୀଙ୍କ ପ୍ରତିକ୍ରିୟା-** ଏନ୍.ଆଇ.ଆର୍.ଡି.ଙ୍କ ରିପୋର୍ଟ ପ୍ରକାଶ ପାଇବା ପରେ ପରେ ସି.ଇ.ଏଫ୍.ଏସ୍.ର ନିର୍ଦ୍ଦେଶକ ଶ୍ରୀ ପର୍ଶୁରାମ ରାୟ ନିଜର ପ୍ରତିକ୍ରିୟା ପ୍ରକାଶ କରିଥିଲେ ଯେ, ସେ ଆଗରୁ କହିଥିଲେ କେ.ବି.କେ. ଅଞ୍ଚଳରେ ଶତକଡା ୭୫ଭାଗ ଏନ୍.ଆର୍.ଇ.ଜି.ଏ. ଅର୍ଥ ବାଟମାରଣା ହୋଇଛି, ଏବଂ ଏବେ ଏନ୍.ଆର୍.ଇ.ଡି. ସର୍ଭେ କହିଛି ୭୪ ଭାଗ । ତେଣୁ ଓଡିଶା ସରକାରଙ୍କ ଅନୁସନ୍ଧାନ କମିଟି ଯେପରି ତାଙ୍କ ରିପୋର୍ଟକୁ ଭିତ୍ତିହୀନ ବୋଲି ମନ୍ତବ୍ୟ ଦେଇଥିଲେ, ତାହା ବର୍ତ୍ତମାନ ମିଥ୍ୟାରେ ପରିଣତ ହୋଇଛି । ଯେଉଁ ୮ଜଣ ଆଇ.ଏ.ଏସ୍. ଅଫିସର୍ ଏହି କମିଟିରେ ଜଡିତ ରହି ରାଜ୍ୟରେ ୫୦୦କୋଟି ଟଙ୍କାର ଏନ୍.ଆର୍.ଇ.ଜି.ଏ. ଅର୍ଥର ବାଟମାରଣାକୁ ଘଷ୍ଟ ଘୋଡାଇଲେ, ସେମାନେ ମଧ୍ୟ ପ୍ରତ୍ୟକ୍ଷ ଦୁର୍ନୀତି କରିଥିବା ଅଫିସର୍ ଓ କର୍ମଚାରୀଙ୍କ ପରି ସମାନ ପରିମାଣରେ ଦାୟୀ । ତେଣୁ ସେମାନଙ୍କ ବିରୁଦ୍ଧରେ ସର୍ବସାଧାରଣ ଅର୍ଥ ତୋଷରପାତ ତଥା ମିଥ୍ୟାଚାର ଅଭିଯୋଗ ଭିତ୍ତିରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ଶ୍ରୀ ରାୟ ଏହି ମର୍ମରେ ପ୍ରଧାନମନ୍ତ୍ରୀ ଡକ୍ଟର୍ ମନମୋହନ ସିଂହଙ୍କ ନିକଟକୁ ଏକ ସ୍ୱତନ୍ତ୍ର ପତ୍ର ପଠାଇଥିଲେ । ଏହାଛଡା ଜାନୁଆରି ୨୦୦୮ରେ ଶ୍ରୀ ରାୟ ସୁପ୍ରିମ୍ କୋର୍ଟରେ ଏକ ଆବେଦନ କରି ଓଡିଶା ସମେତ ବିଭିନ୍ନ ରାଜ୍ୟରେ ଏନ୍.ଆର୍.ଇ.ଜି.ଏ. ଅର୍ଥର ବାଟମାରଣା ଉପରେ ଏକ ସି.ବି.ଆଇ. ତଦନ୍ତ ଦାବୀ କରିଛନ୍ତି । ସୁପ୍ରିମ୍ କୋର୍ଟ ସି.ଏଣ୍ଡ.ଏ.ଜି.ଙ୍କ ଦ୍ୱାରା ଏ ବିଷୟରେ ଦେଶର ୬୮ଟି ଜିଲ୍ଲାରେ ଏକ ତ୍ୱରିତ୍ ଯାଞ୍ଚ କରାଇ ଜାଣିବାକୁ ପାଇଲେ ଯେ, ପଂଜିକୃତ ପରିବାରମାନଙ୍କ ଭିତରୁ ମାତ୍ର ଶତକଡା ୩.୨ ଭାଗ ଆଇନ୍‌ର ମୂଳ ଉଦ୍ଦେଶ୍ୟ- ବର୍ଷକ ଭିତରେ ଅନ୍ୟୁନ ୧୦୦ଦିନର ମଜୁରି ଶ୍ରମ- ହାସଲ କରିପାରିଛନ୍ତି । ଏହାପରେ ମୁଖ୍ୟ ବିଚାରପତି କେ.ଜି.ବାଲ୍‌କୃଷ୍ଣନ ଏବଂ ବିଚାରପତି ଏମ୍.କେ.ଶର୍ମାଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଉଭୟ କେନ୍ଦ୍ର ଏବଂ ସମସ୍ତ ସରକାର ମାନଙ୍କୁ ନିଜର କୈଫିୟତ୍ ଦାଖଲ ପାଇଁ ନୋଟିସ୍ ପ୍ରେରଣ କରିଛନ୍ତି ।

## ୬.୦ ପ୍ରିଆ, ନୂଆଦିଲ୍ଲୀଙ୍କ ଦ୍ୱାରା ଓଡିଶାରେ ଏନ୍.ଆର୍.ଇ.ଜି.ଏ.ର ସ୍ଥିତି ଉପରେ ଅଧ୍ୟୟନ

**୬.୧ ସର୍ବେକ୍ଷଣ ପରିସର:** ଓଡିଶାର ୮ଟି ଜିଲ୍ଲା (ଗଜପତି, ନବରଙ୍ଗପୁର, ଢେଙ୍କାନାଳ, ଅନୁଗୁଳ, ପୁରୀ, ସୁନ୍ଦରଗଡ, ସମ୍ବଲପୁର ଓ ମାଲକାନଗିରି) ଅନ୍ତର୍ଗତ ୧୨ଟି ବ୍ଲକ୍ (ମୋହନା, ଆର୍.ଉଦୟଗିରି, ତେନ୍ତୁଳିଖୁଣ୍ଟି, ଢେଙ୍କାନାଳ ସଦର, ବଂଶପାଳ, ସତ୍ୟବାଦୀ, ସୁନ୍ଦରଗଡ ସଦର, କୁଆଁରମୁଣ୍ଡା, ଲହୁଣିପଡା, କୋଇରା, କୁଚିଣ୍ଡା ଓ ଖରିପୁଟ) ର ୩୬ଟି ଗ୍ରା.ପ.ର ମୋଟ ୭୨ଟି ନମୁନା ଗ୍ରାମକୁ ନେଇ ପ୍ରିଆ ନୂଆଦିଲ୍ଲୀଙ୍କ ତରଫରୁ ଅକ୍ଟୋବର-ନଭେମ୍ବର ୨୦୦୮ରେ ଏହି ସର୍ବେକ୍ଷଣ ଅନୁଷ୍ଠିତ ହୋଇଥିଲା । ୨୦୦୮-୦୯ ଆର୍ଥିକ ବର୍ଷର ପ୍ରଥମ ଛ ମାସ (ଏପ୍ରିଲ୍ ରୁ ସେପ୍ଟେମ୍ବର) ଭିତରେ ଉକ୍ତ ଗ୍ରାମଗୁଡିକରେ ଏନ୍.ଆର୍.ଇ.ଜି.ଏ.ର ପ୍ରକୃତ ସ୍ଥିତି ଆକଳନ କରିବା ଏହାର ପ୍ରମୁଖ ଉଦ୍ଦେଶ୍ୟ ଥିଲା । ଅଧ୍ୟୟନ ସହିତ ଜଡିତ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧିମାନେ ଏଥିପାଇଁ ସଂପୃକ୍ତ ଜିଲ୍ଲା, ବ୍ଲକ୍ ଓ ଗ୍ରା.ପ. ସ୍ତରର ଅଧିକାରୀ ଓ ପଞ୍ଚାୟତ ନେତୃବୃନ୍ଦଙ୍କ ସହ ମୁହାଁମୁହିଁ ଆଲୋଚନା ସହିତ ଗ୍ରାମର ହିତାଧିକାରୀ ଶ୍ରମିକ ଓ ଅନ୍ୟାନ୍ୟ ଗ୍ରାମବାସୀଙ୍କ ସହ ବିସ୍ତାରିତ ଚର୍ଚ୍ଚା କରିଥିଲେ । ଉଭୟ ପ୍ରାକ୍-ପ୍ରସ୍ତୁତ ପ୍ରଶ୍ନାବଳୀ ଏବଂ ମୌଖିକ ପ୍ରଶ୍ନୋତ୍ତର ମାଧ୍ୟମରେ ତଥ୍ୟାବଳୀ ସଂଗୃହୀତ ହୋଇଥିଲା । ତା'ପରେ ଆଇନ୍, କେନ୍ଦ୍ରୀୟ ମାର୍ଗଦର୍ଶୀକା ଏବଂ ଓଡିଶା ସରକାରଙ୍କ ବିଜ୍ଞାପିତ ସ୍କିମ୍ ଅନୁଯାୟୀ ନମୁନା ଅଞ୍ଚଳଗୁଡିକରେ ଏନ୍.ଆର୍.ଇ.ଜି.ଏ.ର କାର୍ଯ୍ୟପ୍ରକ୍ରିୟା ଚାଲିଛି କି ନାହିଁ ଓ ବିଶେଷ କରି ହିତାଧିକାରୀ ଗ୍ରାମବାସୀମାନେ

ସେମାନଙ୍କର ବିଭିନ୍ନ ପ୍ରାପ୍ୟ ହାସଲ କରିଛନ୍ତି କି ନାହିଁ, ସେ ସମ୍ବନ୍ଧରେ ବିଶ୍ଳେଷଣ କରାଯାଇଥିଲା । ହିତାଧିକାରୀମାନେ ସେମାନଙ୍କର ବିବିଧ ପ୍ରାପ୍ୟ ଯଥୋଚିତ ଭାବେ ହାସଲ କରି ନପାରିବାର ଅନ୍ୟତମ କାରଣ ଭାବେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରମୁଖ ବୈଧାନିକ ବ୍ୟବସ୍ଥାଗୁଡିକ ଭିତରେ ଥିବା ଅସଂଗତି ଏବଂ ଦୁର୍ବଳତାଗୁଡ଼ିକୁ ମଧ୍ୟ ଚିହ୍ନଟ କରାଯାଇ ସେଗୁଡ଼ିକର ସଂଶୋଧନ ପାଇଁ ସୁପାରିଶ୍ କରାଯାଇଥିଲା ।

୬.୨ **ଅଧ୍ୟୟନର ସୁପାରିଶ୍‌ସମୂହ-** ଏନ୍.ଆର୍.ଇ.ଜି.ଏ.ର କାର୍ଯ୍ୟପ୍ରକ୍ରିୟାରେ ଉଲ୍ଲିଖିତ ଅଧ୍ୟୟନଗୁଡିକ ଯେଉଁ ପ୍ରକାର ଦୋଷଦୁର୍ବଳତା ଲକ୍ଷ୍ୟ କରିଥିଲେ, ସେଗୁଡିକ 'ପ୍ରିଆ' ପରିଚାଳିତ ଅଧ୍ୟୟନ ଦ୍ୱାରା ପୁନଃ ସାବ୍ୟସ୍ତ ହୋଇଥିଲା । ସୁତରାଂ ସେଗୁଡିକୁ ନଦୋହରାଇ ଏହାର ପ୍ରମୁଖ ସୁପାରିଶ୍‌ଗୁଡ଼ିକୁ ଏଠାରେ ସ୍ଥାନିତ କରିବା ବାଂଛନୀୟ ମନେହୁଏ । ଏହି ସୁପାରିଶ୍‌ଗୁଡ଼ିକୁ ୩ଭାଗରେ ବିଭକ୍ତ କରାଯାଇପାରେ-

- ଆଇନ୍ ଓ କେନ୍ଦ୍ରୀୟ ମାର୍ଗଦର୍ଶୀକାର ସଂଶୋଧନ ;
- ଗୋଟିଏ ପକ୍ଷେ ଆଇନ୍ ଓ କେନ୍ଦ୍ରୀୟ ମାର୍ଗଦର୍ଶୀକା ଓ ଅନ୍ୟ ପକ୍ଷେ ଓଡିଶା ସରକାରଙ୍କ ସ୍କିମ୍ ଓ ଅନ୍ୟାନ୍ୟ ବିଧିବ୍ୟବସ୍ଥା ଭିତରେ ଥିବା ଅସଂଗତିର ଦୂରୀକରଣ ;
- ଆଇନ୍, କେନ୍ଦ୍ରୀୟ ମାର୍ଗଦର୍ଶୀକା ଓ ରାଜ୍ୟ ସ୍କିମ୍ ଅନୁଯାୟୀ କାର୍ଯ୍ୟ କରୁନଥିବା ପ୍ରଶାସନିକ ବ୍ୟବସ୍ଥାର ସଂସ୍କାର ।

୬.୩ **ସୁପାରିଶ୍‌ସମୂହ:** ବର୍ତ୍ତମାନ ସଂକ୍ଷେପରେ ପ୍ରମୁଖ ସୁପାରିଶ୍‌ଗୁଡିକ ନିମ୍ନରେ ସୂଚୀତ କରାଯାଉଛି-

୧- ଏନ୍.ଆର୍.ଇ.ଜି.ଏ.ର ଧାରା ୨୫ରେ ଜଣେ ଉଲ୍ଲଂଘନକାରୀ ବ୍ୟକ୍ତିଙ୍କ ବିରୁଦ୍ଧରେ ଏକ ହଜାର ଟଙ୍କାର ଜୋରିମାନା ବ୍ୟବସ୍ଥା ଥିଲେ ହେଁ, ତାକୁ କାର୍ଯ୍ୟରୂପ ଦେବା ପାଇଁ ସୁନିର୍ଦ୍ଦିଷ୍ଟ ଅପିଲ୍ କର୍ତ୍ତୃପକ୍ଷଙ୍କ ସ୍ଥାପନା ସହିତ ସମୟବଦ୍ଧ ଅପିଲ୍ ଦାଖଲ, ଶୁଣାଣି ଓ ନିଷ୍ପତ୍ତି ପ୍ରକ୍ରିୟାକୁ ସ୍ଥାନିତ କରିବା ପାଇଁ ଆଇନ୍‌ର ସଂଶୋଧନ ଆବଶ୍ୟକ ।

୨- ଆଇନ୍ 'ସର୍ବନିମ୍ନ ୧୦୦ ଦିନ' ଏବଂ 'ସର୍ବନିମ୍ନ ମଜୁରି' କଥା କହିଛି, ଯାହାର ଅର୍ଥ ହେଉଛି, ବେଶି ହୋଇପାରେ, କିନ୍ତୁ କସ୍ମିନ୍ କମ୍ ହେବନି । ଅଥଚ ବର୍ତ୍ତମାନ ପ୍ରଚଳିତ ଥିବା ଏମ୍.ଆଇ.ଏସ୍. ବ୍ୟବସ୍ଥାରେ ଗୋଟିଏ ପରିବାରକୁ ୧୦୦ଦିନରୁ ଅଧିକ କାର୍ଯ୍ୟ ମିଳିବାର ତଥ୍ୟ ଗ୍ରହଣୀୟ ହେଉନାହିଁ । ସୁତରାଂ ମୂଳ ଆଇନ୍‌ରେ ଏକ ସ୍ପଷ୍ଟୀକରଣ ଯୋଡି ଏମ୍.ଆଇ.ଏସ୍. ବ୍ୟବସ୍ଥାର ଉପଯୁକ୍ତ ସଂସ୍କାର କରାଯାଉ ।

୩- ମଷ୍ଟର୍ ରୋଲ୍ ମାଧ୍ୟମରେ ମଜୁରି ପଇଠକୁ ନେଇ ସମସ୍ତ ସନ୍ଦେହର ଅବସାନ ପାଇଁ କେନ୍ଦ୍ରୀୟ ମାର୍ଗଦର୍ଶୀକା ତା'ର ଆଗାମୀ ସଂସ୍କରଣରେ ଏକଥା ସ୍ପଷ୍ଟ କରିଦେବା ବିଧେୟ ଯେ, ପ୍ରତି ଶ୍ରମିକ ଏକ ନିର୍ଦ୍ଦିଷ୍ଟ ତାରିଖରେ କେତେ କାମ ପାଇଁ କେତେ ମଜୁରି ପାଇଛି, ତାହା ମଷ୍ଟର୍ ରୋଲ୍‌ରୁ ସୂଚୀତ ହୋଇପାରୁଥିବ ଏବଂ ପ୍ରତି ତାରିଖର ମଜୁରି ପଇଠ ସ୍ଥାନରେ ସଂପୃକ୍ତ ଶ୍ରମିକର ସାକ୍ଷର ବା ଟିପଚିହ୍ନ ସ୍ଥାନିତ ହେବ ।

୪- ଏନ୍.ଆର୍.ଇ.ଜି.ଏ. ସଂକ୍ରାନ୍ତୀୟ ଗ୍ରାମସଭା/ପଲ୍ଲୀସଭାର ବୈଠକଗୁଡ଼ିକୁ ଫଳପ୍ରଦ କରିବା ପାଇଁ ପ୍ରତି ବୈଠକର କୋରମ୍ ଶତକଡା ୫୦ ହେଉ ବୋଲି କେନ୍ଦ୍ରୀୟ ମାଗଦର୍ଶୀକା ଦ୍ୱାରା ଘୋଷଣା କରାଯାଉ ।

୫- ବର୍ତ୍ତମାନ ବ୍ଲକ୍ ଜେ.ଇ.ଙ୍କ ଦ୍ୱାରା ଏନ୍.ଆର୍.ଇ.ଜି.ଏ. କାର୍ଯ୍ୟର ମାପଚୁପ୍ ଓ ତା'ପରେ ମଜୁରି ପଇଠ ବ୍ୟବସ୍ଥା ଫଳରେ ମାପଚୁପ୍ ଓ ମଜୁରି ପଇଠରେ ଅତିରିକ୍ତ ବିଳମ୍ବ ଘଟୁଥିବାରୁ ଗ୍ରା.ପ. ସ୍ତରରେ ପ୍ରାଥମିକ ମାପଚୁପ୍‌ର ବ୍ୟବସ୍ଥା କରାଯାଇ ମଜୁରି ପଇଠ କରାଯାଉ ।

୬- ଆଇନ୍ ଓ କେନ୍ଦ୍ରୀୟ ମାର୍ଗଦର୍ଶୀକାରୁ ବିଚ୍ୟୁତ ହୋଇ ପ୍ରସ୍ତୁତ ହୋଇଥିବା ଓ.ଆର୍.ଇ.ଜି.ଏସ୍. (ଯଥା ଫର୍ମ ସି-୨: କାର୍ଯ୍ୟରେ ଯୋଗଦାନ ପାଇଁ ନୋଟିସ୍) ଭଳି ରାଜ୍ୟ ସ୍କିମ୍‌ର ପ୍ରାବ୍ଧାନଗୁଡ଼ିକୁ ସମୀକ୍ଷା ଓ ଅସିଦ୍ଧ କରିବାର ବ୍ୟବସ୍ଥାକୁ ସ୍ଥାନିତ କରାଯାଉ ।

୭- କେନ୍ଦ୍ରୀୟ ମାର୍ଗଦର୍ଶୀକା ଅନୁଯାୟୀ କେବଳ ଏନ୍.ଆର୍.ଇ.ଜି.ଏ. ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ଅଧିକାରୀ ଓ ଜେ.ଇ. ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ସର୍ବକ୍ଷଣ, ଉତ୍ସର୍ଗୀକୃତ ଅଧିକାରୀମାନଙ୍କୁ ସ୍ୱତନ୍ତ୍ର ଭାବେ ନିଯୁକ୍ତି ବ୍ୟବସ୍ଥାକୁ ଓ.ଆର୍.ଇ.ଜି.ଏସ୍.ରେ ସ୍ଥାନିତ କରାଯାଉ ।

୮- ପ୍ରତି ଅଭିଯୋଗପତ୍ରର ତାରିଖ-ବାହୀ ପ୍ରାପ୍ତି-ସ୍ୱୀକାର ରସିଦ୍ ଅଭିଯୋକ୍ତାଙ୍କୁ ମିଳିବ ବୋଲି ବ୍ୟବସ୍ଥା ରଖାଯାଉ ତଥା କେନ୍ଦ୍ରୀୟ, ରାଜ୍ୟ, ଜିଲ୍ଲା, ବ୍ଲକ୍ ଓ ଗ୍ରା.ପ. ସ୍ତରରେ ନିରପେକ୍ଷ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅଭିଯୋଗ ଶୁଣାଣି ଓ ଫଇସଲା ତଥା ଦଣ୍ଡବିଧାନର ବ୍ୟବସ୍ଥା ।

୯- ଓ.ଆର୍.ଇ.ଜି.ଏସ୍.ରେ ଗ୍ରାମସଭା ଦ୍ୱାରା ସାମାଜିକ ସମୀକ୍ଷା ପରିଚାଳନାର ବିଶଦ୍ ପ୍ରକ୍ରିୟା ସ୍ଥାନିତ କରାଯାଉ ।

୧୦.ଏନ୍.ଆର୍.ଇ.ଜି.ଏ. ରେ ଥିବା ସୂଚନା ଅଧିକାରକୁ କ୍ରିୟାଶୀଳ କରିବା ପାଇଁ ଦରଖାସ୍ତ ଗ୍ରହଣ, ସୂଚନା ପ୍ରଦାନ, ସୂଚନା ଅଧିକାରୀ, ଫିସ୍, ଅପିଲ୍ ଓ ଦଣ୍ଡବିଧାନ ବ୍ୟବସ୍ଥା ସଂବନ୍ଧରେ ସବିଶେଷ ପ୍ରକ୍ରିୟା ଓ.ଆର୍.ଇ.ଜି.ଏସ୍.ରେ ସ୍ଥାନିତ ହେଉ ।

୧୧. କେନ୍ଦ୍ରୀୟ ମାର୍ଗଦର୍ଶୀକା ଅନୁଯାୟୀ, କେବଳ ଜିଲ୍ଲା ନୁହେଁ, ପ୍ରତି ଗ୍ରାମ ସ୍ତରରେ ମଜୁରି ହାର ସାରଣୀ ପ୍ରସ୍ତୁତ କରିବା ପାଇଁ ଓ.ଆର୍.ଇ.ଜି.ଏସ୍.ରେ ବ୍ୟବସ୍ଥା ସ୍ଥାନିତ କରାଯାଉ ।

୧୨. ମାର୍ଗଦର୍ଶୀକାରେ ସୂଚୀତ ଜନସଜାଗ ଓ ତଦାରଖ କମିଟି ତଥା ହିତାଧିକାରୀ କମିଟିକୁ କ୍ରିୟାଶୀଳ କରିବା ପାଇଁ ଓ.ଆର୍.ଇ.ଜି.ଏସ୍. ରେ ସବିଶେଷ ବ୍ୟବସ୍ଥା ସ୍ଥାନିତ କରାଯାଉ ।

୧୩.ଗ୍ରାମ ରୋଜଗାର ସେବକ ଓ ଗାଁ ସାଥୀ ମାନଙ୍କର ସବିଶେଷ ଦାୟିତ୍ୱାବଳୀ ଓ.ଆର୍.ଇ.ଜି.ଏସ୍.ରେ ସ୍ଥାନିତ କରାଯାଉ ।

---

**Compilation by Chitta Behera, 4A Jubilee Tower, Choudhury Bazar, Cuttack-9, Mobile- 9437577546**
**Email: chittabehera1@yahoo.co.in, Dt 31st January 2010**